ବର୍ଷ-୨୬, ସଂଖ୍ୟା-୧୧୨
ଭୁବନେଶ୍ୱର
୨୫, ଏପ୍ରିଲ୍ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

# ମହାଭାରତ

Vol.-26, Issue No. ୧୧୨
Bhubaneswar
25 April, 2026 Saturday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କୋହଲିଙ୍କ ଭୟଙ୍କର ବ୍ୟାଟିଂ




## ୩୦ରେ ଓଡିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର, ୨୪।୪(ମହାଭାରତ) ଆସନ୍ତା ୩୦ତାରିଖରେ ଓଡିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ରାଜ୍ୟ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ସମନ ଜାରି ହୋଇଛି। ବିଧାନସଭାର ଏହି ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ 'ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ' ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ରାଜ୍ୟ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ଦ୍ୱାରା ଜାରି ସମନରେ କୁହାଯାଇଛି।



ତେବେ ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ କାଟ୍ ଖାଇଯିବା ପରେ ବିଜେପି ନେତୃତ୍ୱାଧୀନ ଏନଡିଏ ମେଂଟ ଏବେ ବିରୋଧୀ ଦଳଗୁଡିକୁ ଘେରିବା ପାଇଁ ବଡ ରଣନୀତି ପ୍ରସ୍ତୁତ କରିଛି। ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ସହ ବିଜେପି ଶାସିତ ରାଜ୍ୟଗୁଡିକର ବିଧାନସଭାରେ ଏନେଇ ଆଲୋଚନା ଓ ନିନ୍ଦା ପ୍ରସ୍ତାବ ଆଗତ ନିମନ୍ତେ ଯୋଜନା କରିଥିବା ଜଣାପଡିଛି।

ବିଧାନସଭା ସଚିବାଳୟର ସମନ୍ ଅନୁସାରେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୭୪ର ଖଣ୍ଡ (୧)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ରାଜ୍ୟପାଳ ଏହି ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଆସନ୍ତା ଏପ୍ରିଲ ୩୦ତାରିଖ (ଗୁରୁବାର) ପୂର୍ବାହ୍ନ ୧୧ଟା ସମୟରେ ବିଧାନସଭା ଭବନରେ ଏହି ବୈଠକ ଅନୁଷ୍ଠିତ ହେବ। ଏହି ଅଧିବେଶନରେ 'ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ' ସମ୍ପର୍କରେ ଏକ ବିସ୍ତୃତ ଆଲୋଚନା କରାଯିବ ବୋଲି ସମନରେ ଉଲ୍ଲେଖ କରାଯିବା ସହ ସମସ୍ତ ବିଧାୟକ ଓ ବିଧାୟିକାଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

ଯଦିଓ ସମନରେ ନିନ୍ଦା ପ୍ରସ୍ତାବ ଆଗତ ନେଇ କୌଣସି ଉଲ୍ଲେଖ ନାହିଁ ମାତ୍ର ବିଜେପି ଶାସିତ ଛତିଶଗଡ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ଦେଇଥିବା ବୟାନରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ନିନ୍ଦା ପ୍ରସ୍ତାବ ଆଗତ କରାଯିବ ବୋଲି ସୂଚନା ଦେଇଛନ୍ତି।

ତେବେ କେବଳ ଓଡିଶା ନୁହେଁ, ବିଜେପି ଶାସିତ ରାଜ୍ୟଗୁଡିକରେ ମଧ୍ୟ ଅନୁରୂପ ଭାବେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ବିରୋଧୀ ଦଳଗୁଡିକ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ପାରିତ ନିମନ୍ତେ ଯୋଜନା ହୋଇଛି। ଲୋକସଭାରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ କାଟ ଖାଇବାର ପ୍ରତିବାଦରେ ମହିଳା ସଂରକ୍ଷଣ ପ୍ରସଙ୍ଗରେ ଆଲୋଚନା ନିମନ୍ତେ ଏପ୍ରିଲ ୩୦ତାରିଖରେ ଉତ୍ତରପ୍ରଦେଶ ବିଧାନସଭା ଓ ଛତିଶଗଡ ବିଧାନସଭାର ସ୍ୱତନ୍ତ୍ର ଦିନିଆ ଅଧିବେଶନ ବସିବ। ସେହିପରି ମଧ୍ୟପ୍ରଦେଶ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଏପ୍ରିଲ ୨୭ତାରିଖରେ ବସିବ ବୋଲି ଜଣାପଡିଛି।

ଏ ସମ୍ପର୍କରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ମହିଳା ସଂରକ୍ଷଣ ପ୍ରସଙ୍ଗରେ ଆଲୋଚନା କରିବା ଓ ଲୋକସଭାରେ ମହିଳା ବିଲ୍ କାଟ ଖାଇବା ପାଇଁ ବିରୋଧୀ ଦଳ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଆଗତ ନିମନ୍ତେ ଏହି ଅଧିବେଶନ ଡକାଯାଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ଲୋକସଭାରେ ମହିଳା ସଂରକ୍ଷଣ ବିଲକୁ ବିରୋଧ କରି ଏହାର ପରାଜୟର କାରଣ ସାଜିଥିବା ବିରୋଧୀ ଦଳଙ୍କ ବିରୋଧରେ ଏହି ସ୍ୱତନ୍ତ୍ର ଅଧିବେଶନରେ ନିନ୍ଦା ପ୍ରସ୍ତାବ ଆଗତ କରାଯିବ।

ସୂଚନାଯୋଗ୍ୟ, ଏପ୍ରିଲ ୧୬ରୁ ୧୮ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ କାଟ୍ ଖାଇଯାଇଥିଲା। ଏହି ସମ୍ବିଧାନ ସଂଶୋଧନ ବିଲ୍ ପାଇଁ ସରକାରଙ୍କୁ ବିରୋଧୀଦଳଗୁଡିକୁ ସହଯୋଗ ନଦେବାରୁ ଆବଶ୍ୟକ ଦୁଇ ତୃତୀୟାଂଶ ସମର୍ଥନ ଯୋଗାଡ ସମ୍ଭବପର ହୋଇପାରିନଥିଲା।

# ଜେଏସଡବ୍ଲୁ-ଜେଏଫଇ ମଧ୍ୟରେ ସମ୍ବଲପୁରରେ ଯୌଥ ଉଦ୍ୟମର ଶୁଭାରମ୍ଭ

● ଆଧୁନିକ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ କଞ୍ଚା ମାଲ୍ ହେବ : ମୁଖ୍ୟମନ୍ତ୍ରୀ

● ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ଓଡ଼ିଶା ହେବ ଦେଶର ଅଗ୍ରଣୀ ମ୍ୟାନୁଫ୍ୟାକଚ଼ରିଂ ଏବଂ ଲଜିଷ୍ଟିକ୍ ହବ୍ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୪।୪(ମହାଭାରତ): ସମ୍ବଲପୁର ଜିଲ୍ଲା ରେଙ୍ଗାଲିଠାରେ ଇସ୍ପାତ ନିର୍ମାତା ଜେଏସଡବ୍ଲୁ ଏବଂ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ଶୁକ୍ରବାର ଯୌଥ ଉଦ୍ୟମ ସ୍ଥାପନର ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଯୋଗ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏହି ଜେଏସଡବ୍ଲୁ ଏବଂ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍ କର୍ପୋରେସନ ଏକ ଇଲେକ୍ଟ୍ରିକାଲ୍ ଷ୍ଟିଲ୍ ତିଆରି କରିବେ। ଆଧୁନିକ ଶିଳ୍ପରେ ଏହା ଗୁରୁତ୍ୱପୂର୍ଣ୍ଣ କଞ୍ଚା ମାଲ୍ ହେବ। ଆଗାମୀ ଦିନରେ ୧୫ ମିଲିଅନ ଟନର ବୃହତ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏଥିରେ ୬୧ ହଜାର କୋଟି ଟଙ୍କାର ନିବେଶ ହେବ। ୧୬ ହଜାରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ଦ୍ୱାରା ଭାରତ ଏବଂ ଜାପାନ ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ। ଅର୍ଥନୈତିକ ଦୃଷ୍ଟି କୋଣରୁ ଆମେ ସମୃଦ୍ଧ ଓଡ଼ିଶା ନିର୍ମାଣ ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

ଏହି ଐତିହାସିକ ସହଭାଗିତାକୁ ଶ୍ରୀ ପ୍ରଧାନ ସ୍ୱାଗତ କରିବା ସହ କହିଛନ୍ତି, ଏହି ବୃହତ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ, ଯାହା ମୁଖ୍ୟତଃ ଉଚ୍ଚ଼ମାନର ଗୁଣାତ୍ମକ ଇସ୍ପାତ ଉତ୍ପାଦନ ଉପରେ କେନ୍ଦ୍ରିତ ହେବ। ୧୯୫୨ ମସିହାରୁ ଭାରତ ଏବଂ ଜାପାନ ମଧ୍ୟରେ ରହିଥିବା ଦୃଢ଼ କୂଟନୈତିକ ସମ୍ପର୍କ ଆଗାମୀ ୨୦୨୭ ମସିହାରେ ୭୫ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ନିବେଶ ଉଭୟ ଦେଶର ସମ୍ପର୍କକୁ ଆହୁରି ମଜବୁତ କରିବ। ଓଡ଼ିଶା ଏବଂ ଜାପାନ ମଧ୍ୟରେ ଥିବା ଗଭୀର ଆଧ୍ୟାତ୍ମିକ ସମ୍ପର୍କ ଉପରେ ଆଲୋକପାତ କରି କହିଛନ୍ତି ଯେ, ଜେଏଫଇ କମ୍ପାନୀ ପ୍ରଥମ ଥର ପାଇଁ ଜାପାନ ବାହାରକୁ ଆସି ଭାରତର ଜେଏସଡବ୍ଲୁ ସହ ମିଶି ଓଡ଼ିଶାରେ କାର୍ଯ୍ୟ କରୁଛି, ଯେଉଁଠାରେ ଉଭୟ କମ୍ପାନୀ ମିଳିତ ଭାବେ ବାର୍ଷିକ ପ୍ରାୟ ୫୯ ମିଲିୟନ ମେଟ୍ରିକ ଟନରୁ ଅଧିକ ଇସ୍ପାତ ଉତ୍ପାଦନ କ୍ଷମତା ରଖୁଛନ୍ତି। ଜେଏସଡବ୍ଲୁ ଏବଂ ଜେଏଫଇର ମିଳନ କେବଳ ଏକ ବ୍ୟବସାୟିକ ଚୁକ୍ତି ନୁହେଁ, ବରଂ ଏହା ଜାପାନର ବୈଷୟିକ ଉତ୍କର୍ଷତା ଏବଂ ଭାରତର ଶିଳ୍ପ ଦକ୍ଷତା ସହିତ ଉତ୍ତରଦାୟୀ ବିକାଶର ଏକ ସମନ୍ୱୟ। ଏହା ସହିତ ଏହି ପ୍ରକଳ୍ପ 'ଗ୍ରୀନ୍ ଷ୍ଟିଲ୍' ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

ଜେଏସଡବ୍ଲୁ ଏବଂ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ୫୦:୫୦ ଭାଗିଦାରୀରେ ସମ୍ବଲପୁରରେ ଅବସ୍ଥିତ ଜେଏସଡବ୍ଲୁ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍ ରୁ ୧୦ ମିଲିୟନ ଟନକୁ ବୃଦ୍ଧି କରାଯିବାର ଯୋଜନା ରହିଛି। ଏହି ପୁଞ୍ଜିନିବେଶ ଦ୍ୱାରା ସମ୍ବଲପୁର, ଝାରସୁଗୁଡ଼ା ଏବଂ ସମଗ୍ର ପଶ୍ଚିମ ଓଡ଼ିଶା ଅଞ୍ଚଳ ଏକ ଅଗ୍ରଣୀ ମ୍ୟାନୁଫ୍ୟାକଚ଼ରିଂ ଏବଂ ଲଜିଷ୍ଟିକ୍ ହବ୍ ଭାବେ ଉଭା ହେବ। ଶିଳ୍ପ ପ୍ରତିଷ୍ଠା ସହିତ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ଏବଂ ସାମାଜିକ ସହଭାଗିତାକୁ ପ୍ରାଧାନ୍ୟ ଦେବା ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏହି ପ୍ରକଳ୍ପ ଓଡ଼ିଶାର ଅର୍ଥନୀତି ପାଇଁ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ। ଏହି ପ୍ରକଳ୍ପ ଜରିଆରେ ଓଡ଼ିଶା ବିଶ୍ୱର ଇସ୍ପାତ ମାନଚ଼ିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ।



ଆଞ୍ଚଳିକ ବିକାଶ ଏବଂ ନିଯୁକ୍ତି ସୁଯୋଗ ସମ୍ପର୍କରେ ସୂଚ଼ନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଗତ ୨୫ ବର୍ଷ ମଧ୍ୟରେ ସୁନ୍ଦରଗଡ଼ରୁ ବରଗଡ଼ ପର୍ଯ୍ୟନ୍ତ ଅଞ୍ଚଳ ଏକ ପ୍ରମୁଖ ଶିଳ୍ପ କ୍ଲଷ୍ଟର ଭାବେ ଉଭା ହୋଇଛି, ଯେଉଁଠାରେ ବିମାନବନ୍ଦର ଓ ଆଧୁନିକ ସୁବିଧାସୁଯୋଗ ଉପଲବ୍ଧ ହେଲାଣି। ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ ହୋଇଛି। ଏହା ଦ୍ୱାରା ସମ୍ବଲପୁରର ୨୫ ଜଣ ଯୁବବର୍ଗ ବର୍ତ୍ତମାନ ଜାପାନୀ ଭାଷା ଶିକ୍ଷା କରୁଛନ୍ତି, ଯାହାଫଳରେ ସେମାନେ ଏହି ଜାପାନୀ ପ୍ରକଳ୍ପରେ ସିଧାସଳଖ ନିଯୁକ୍ତି ପାଇପାରିବେ। ଏହାକୁ ସେ 'ବାଏ ୱାନ-ଗେଟ୍ ୱାନ ଫ୍ରି' ର ଆଖ୍ୟା ଦେଇ କହିଛନ୍ତି ଯେ ନିବେଶକମାନେ ଏଠାରେ କେବଳ କାରଖାନା ନୁହେଁ, ବରଂ ଦକ୍ଷ ଓ ଭାଷାଜ୍ଞାନ ଥିବା ଯୁବଶକ୍ତି ମଧ୍ୟ ପାଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ୱେଲଥ୍ କ୍ରିଏଟରମାନଙ୍କୁ ସମ୍ମାନ' ମନ୍ତ୍ରକୁ ଦୋହରାଇ ସେ କହିଛନ୍ତି ଯେ, ଶିଳ୍ପାୟନ ମାଧ୍ୟମରେ ହିଁ ଦେଶର ବିକାଶ ଓ ଗରିବ କଲ୍ୟାଣ ସମ୍ଭବ। ଆଜିର ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀ, ଜେଏସଡବ୍ଲୁ ଗ୍ରୁପ ଓ ଜେଏଫଇ ଷ୍ଟିଲ୍ କର୍ପୋରେସନକୁ ଧନ୍ୟବାଦ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ଓନୋ କେଇଚ଼ି, ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭାରତରେ ଜେଏସଡବ୍ଲୁ ଗ୍ରୁପ୍ ?ର ଅଧ୍ୟକ୍ଷ ତଥା ପରିଚ଼ାଳନା ନିର୍ଦ୍ଦେଶକ ସଜ୍ଜନ ଜିନ୍ଦଲ, ଜେଏଫଇ ଷ୍ଟିଲ୍ କର୍ପୋରେସନର ସିଇଓ ୟୋଶିହିସା କିତାନୋ, ଜାପାନର ଶିଳ୍ପ ପ୍ରତିନିଧି ଏବଂ ମୁଖ୍ୟ ଶାସନ ସଚ଼ିବ ଅନୁ ଗର୍ଗ ପ୍ରମୁଖ ଯୋଗଦେଇଥିଲେ।

# ବନ୍ଦ ହେବ ଅକାମୀ ଯୋଜନା

ଭୁବନେଶ୍ୱର, ୨୪।୪(ମହାଭାରତ):: ରାଜ୍ୟ ସରକାର ବିଭିନ୍ନ ସରକାରୀ ଯୋଜନାରେ ବଡ଼ ସଂସ୍କାର ଆଣିବାକୁ ଯାଉଛନ୍ତି। ଏଣିକି କାର୍ଯ୍ୟକ୍ଷମ ନ ଥିବା ସମସ୍ତ ଅକାମୀ ଯୋଜନାକୁ ବନ୍ଦ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବଙ୍କ ଅଧ୍ୟକ୍ଷତାରେ ଗତ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଏକ ଉଚ୍ଚ଼ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୩ଟି ବିଭାଗର ଯୋଜନାଗୁଡ଼ିକୁ ସମୀକ୍ଷା କରାଯାଇଛି।

ସରକାର ସମସ୍ତ ରାଜ୍ୟ ପରବର୍ତ୍ତୀ ଯୋଜନା ଗୁଡ଼ିକୁ ସେଗୁଡ଼ିକର ପ୍ରଭାବ ଆଧାରରେ ଉଚ୍ଚ଼, ମଧ୍ୟମ ଏବଂ ନିମ୍ନ ପ୍ରାଥମିକତା ବର୍ଗରେ ବିଭକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚ଼ ପ୍ରାଥମିକତାପ୍ରାପ୍ତ ଯୋଜନାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ୩ ରୁ ୪ ବର୍ଷ ଧରି କୌଣସି ବଜେଟ୍ ବରାଦ ପାଇନଥିବା ଯୋଜନା ହେବ ବନ୍ଦ। କେବଳ ନାମମାତ୍ର ବରାଦ ହୋଇଥିବା ଯୋଜନା ଗୁଡିକ ବନ୍ଦ କରାଯିବ। ସମାନ ଧରଣର ଯୋଜନା ଗୁଡ଼ିକୁ ଏକାଠି କରାଯାଇ କେନ୍ଦ୍ରୀୟ ଯୋଜନାରେ କିପରି ହିତାଧିକାରୀ ଅଧିକ ଉପକୃତ ହେବେ ସେନେଇ ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ ଯଦି କିଛି ଅଭାବ ରହେ, ତେବେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସହାୟତା ଯୋଗାଇ ଦେବେ। ଯୋଜନାଗୁଡ଼ିକର ସଠିକ



କାର୍ଯ୍ୟକାରିତା ଓ ତଥ୍ୟଭିତ୍ତିକ ଆକଳନ ପାଇଁ 'ଅନୁସନ୍ଧାନ, ମୂଲ୍ୟାୟନ ଏବଂ ନୀରିକ୍ଷଣ' କରାଯାଇ ପ୍ରତ୍ୟେକ ବଡ଼ ଯୋଜନାରେ କିଛି ଅର୍ଥ ବରାଦ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୀକ୍ଷା ପ୍ରକ୍ରିୟା ଶେଷ କରି ଆଗାମୀ ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ତାଲିକା ଯୋଜନା ଓ ସଂଯୋଜନ ବିଭାଗକୁ ପଠାଇବାକୁ ଉନ୍ନୟନ କମିଶନରଙ୍କ ପକ୍ଷରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଦ୍ୱାରା ବଜେଟ୍ ଅର୍ଥର ଅପଚ଼ୟ ରୋକାଯାଇପାରିବ ଏବଂ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସୁବିଧା ପହଞ୍ଚିବ ବୋଲି ଆଶା କରାଯାଉଛି।

## ଜଳିଗଲା ବରଯାତ୍ରୀ ଗାଡ଼ି, ୩ ଜୀବନ୍ତ ଦଗ୍ଧ

ଚୁରୁ ୨୪।୪(ମହାଭାରତ): ରାଜସ୍ଥାନର ଚୁରୁ ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ବିବାହର ଖୁସି ଶୋକରେ ପରିଣତ ହୋଇଛି। ଏକ ବୋଲେରୋ ଗାଡ଼ି ଓ ଡମ୍ପର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଗାଡ଼ିରେ ନିଆଁ ଲାଗି ୩ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପୀଡ଼ିତମାନେ ଚୁରୁର ପିଲାନିଅଞ୍ଚଳକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଉଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ଜୟପୁରର ଏସଏମଏସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଅବସ୍ଥା ଏବେ ମଧ୍ୟ ସଙ୍କଟାପନ୍ନ ରହିଛି। ଅତ୍ୟଧିକ ବେଗ କିମ୍ବା ବେପରୁଆ ଗାଡ଼ି ଚ଼ାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ବର୍ତ୍ତମାନ ପୋଲିସ ମୃତକଙ୍କ ପରିଚ଼ୟ ସ୍ପଷ୍ଟ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ରାଘବ ଚଢ୍ଢାଙ୍କ ସହ ଆପ୍ ଛାଡ଼ିଲେ ୭ ସାଂସଦ

ନୂଆଦିଲ୍ଲୀ, ୨୪।୪(ମହାଭାରତ): ଆଜି ଜାତୀୟ ରାଜଧାନୀ ବିନା ଭୂମିକମ୍ପର କମ୍ପନ ସୃଷ୍ଟି ହୋଇଛି। ଅରବିନ୍ଦ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟିକୁ ଲାଗିଛି ଏକ ଶକ୍ତ ଝଟକା। ଏକାବେଳେ ସାତ ସାତ ଜଣ ସାଂସଦ ଦଳରୁ ଇସ୍ତଫା ଦେବା ପରେ ଏବେ ଔଷଧ ବିକଳେ ତାଟିଆ କାମୁଡୁଛି ଦଳ। ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ବିଜେପି ଉପରେ ବର୍ଷିଛନ୍ତି। ପଞ୍ଜାବରେ 'ଅପରେସନ୍ ଲୋଟସ୍' ଚ଼ାଲିଛି। ଏହା ପଞ୍ଜାବ ଜନତାଙ୍କ ପିଠିରେ ଛୁରା ମାଡ଼ ଅଟେ ଏବଂ ପଞ୍ଜାବ ଜନତା କେବେବି ମୋଦୀ, ଅମିତ ଶାହ ଏବଂ ରାଘବ ଚ଼ଢ଼ାଙ୍କୁ କ୍ଷମା ଦେବେ ନାହିଁ ବୋଲି କହିଛନ୍ତି ସଞ୍ଜୟ ସିଂହ।

ଆଜି ଆପ୍ ଦଳର ଦୁଇ ତୃତୀୟାଂଶ ରାଜ୍ୟସଭା ସାଂସଦ ଦଳ ଛାଡ଼ିଛନ୍ତି। ରାଘବ ଚ଼ଢାଙ୍କ ସମେତ ୭ ଜଣ ରାଜ୍ୟସଭା ସାଂସଦ ଆପ୍ ଦଳରୁ ସମୂହ ଇସ୍ତଫା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ରାଘବ ଚ଼ଢା, ହରଭଜନ ସିଂହ, ସ୍ୱାତି ମାଲୀୱାଲ, ରାଜେନ୍ଦ୍ର ଗୁପ୍ତା, ସନ୍ଦୀପ ପାଠକ, ବିକ୍ରମଜୀତ ସାହନୀ ଏବଂ ଅଶୋକ ମିତ୍ତଲ। ଏବେ ଆପ୍ ନିକଟରେ ରାଜ୍ୟସଭାରେ ମାତ୍ର ଏକ ଅଙ୍କ ବିଶିଷ୍ଟ ସଦସ୍ୟ ରହିଛନ୍ତି। ଅର୍ଥାତ ମୋଟ ୧୦ ଜଣରୁ ୩ ଜଣ ସାଂସଦ ରହିଛନ୍ତି। ରାଘବ ଚ଼ଢ଼ା କହିଛନ୍ତି 'ମୁଁ ଠିକ୍ ଲୋକ, ଭୁଲ ଦଳରେ ଥିଲି'।

ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଘବ ଚ଼ଢ଼ା ଆଜି ସମସ୍ତଙ୍କୁ ଚ଼କିତ କରିଛନ୍ତି। ଏହା ସହିତ ସେ ଆଉ ଏକ ବିସ୍ଫୋରକ ବୟାନ ଦେଇ କହିଛନ୍ତି, ରାଜ୍ୟସଭାରେ ଆପ୍ ?ର ଦୁଇ-ତୃତୀୟାଂଶ ସାଂସଦ ଶାସକ ବିଜେପି ସହ ମିଶିବାକୁ ଯାଉଛନ୍ତି। ଏହି ଦାବି ପରେ ଦିଲ୍ଲୀର ରାଜନୀତିକ ପରିସ୍ଥିତି ସରଗରମ ହୋଇଯାଇଛି।



ରାଘବ ଚ଼ଢ଼ା ମନ୍ତବ୍ୟ ଦେଇଛନ୍ତି, 'ମୁଁ ମୋ ରକ୍ତ ଏବଂ ଝାଳ ଦେଇ ଆମ ଆଦମୀ ପାର୍ଟିକୁ ପୋଷଣ କରିଛି। ମୁଁ ଏହା ଦ୍ୱାରା ଘୋଷଣା କରୁଛି ଯେ ମୁଁ ଆମ ଆଦମୀ ପାର୍ଟିରୁ ନିଜକୁ ଦୂରେଇ ରଖୁଛି। ମୁଁ ଏହି ଦଳର ପ୍ରତିଷ୍ଠାତା ସଦସ୍ୟ ଥିଲି; ହୁଏତ ମୋ ଅପେକ୍ଷା ଏହି ଦଳକୁ କେହି ଭଲ ଭାବରେ ଜାଣିପାରିବେ ନାହିଁ। ଆମ ଆଦମୀ ପାର୍ଟି ଆଉ ପୂର୍ବ ଭଳି ଦଳ ନୁହେଁ। ମୁଁ ଗତ କିଛି ବର୍ଷ ଧରି ଦଳର କାର୍ଯ୍ୟକଳାପରୁ ଦୂରରେ ରହିଥିଲି କାରଣ ମୁଁ ସେମାନଙ୍କ ଅପରାଧରେ ସାମିଲ ହୋଇପାରିବି ନାହିଁ। ମୁଁ ସେମାନଙ୍କ ଭୁଲର ପକ୍ଷ ହେବାକୁ ମନା କରିଦେଇଥିଲି ତେଣୁ ମୁଁ ସେମାନଙ୍କ ବନ୍ଧୁତାର ଅଯୋଗ୍ୟ ବିବେଚ଼ିତ ହୋଇଥିଲି।'

ସେହିପରି ସନ୍ଦୀପ ପାଠକ କହିଛନ୍ତି, 'ମୁଁ ମୋ ଜୀବନରେ କେବେ କଳ୍ପନା କରି ନଥିଲି ଯେ ଏପରି ପରିସ୍ଥିତି ସୃଷ୍ଟି ହେବ – ତଥାପି ଏହା ଏଠାରେ ଅଛି। ଆଜି, ମୁଁ ଆମ ଆଦମୀ ପାର୍ଟି ସହିତ ମୋର ସମ୍ପର୍କ ଛିନ୍ନ କରୁଛି। ମୁଁ ଏକ ଚ଼ାଷୀ ପରିବାରରୁ ଆସିଛି ଏବଂ ମୋର ଶିକ୍ଷା ଗ୍ରହଣ କରିଛି।

ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱରେ ଥିବା ଆପ୍ ପାଇଁ ଏହା ବଡ଼ ଝଟକା ବୋଲି ମନାଯାଉଛି। ଆଗରୁ ଅଶୋକ ମିତ୍ତଲଙ୍କୁ ରାଜ୍ୟସଭାରେ ଉପନେତା କରାଯାଇଥିବା ବେଳେ, ଏବେ ସେମାନେ ମଧ୍ୟ ରାଘବଙ୍କ ସହ ଥିବା ନେଇ ଖବର ଆସିଛି। ଆଗାମୀ ଦିନରେ ଦିଲ୍ଲୀର ରାଜନୀତି କେଉଁ ଦିଗକୁ ଘୁଞ୍ଚିବ ତାହାଉପରେ ସମସ୍ତଙ୍କ ନଜର ରହିଛି।

# ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ପରିକଳ୍ପନାରେ ଓଡିଶା ସେଣ୍ଟର ଷ୍ଟେଜ୍‌ରେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୪(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜନେସ୍ ଏମିନ୍ସେ ଆୱାର୍ଡ ୨୦୨୬ରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଂକଳ୍ପ ବିଷୟରେ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦେଇ ମୁଁ ଅତ୍ୟନ୍ତ ଆନନ୍ଦିତ। ଓଡ଼ିଶାର ବ୍ୟବସାୟ ଓ ଶିଳ୍ପଜଗତରେ ନିଜ ଦୃଢ଼ ସଂକଳ୍ପ, ପରିଶ୍ରମ, ନବଚ଼ିନ୍ତନ ଓ ସମାଜପ୍ରତି ଅଙ୍ଗୀକାର ଦ୍ୱାରା ନୂଆ ଅଧ୍ୟାୟ ରଚ଼ନା କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରୁଥିବା ଧରିତ୍ରୀ ଏବଂ ଓରିଶା ପୋଷ୍ଟକୁ ମୁଁ ହୃଦୟରୁ ଅଭିନନ୍ଦନ ଜଣାଉଛି। ଏହି ପୁରସ୍କାର କେବଳ ସଫଳତାର ଉତ୍ସବ ନୁହେଁ, ଏହା ହେଉଛି ସାହସ, ସଂଘର୍ଷ, ଆତ୍ମବିଶ୍ୱାସ, ନିଷ୍ଠା ଓ ଉଦ୍ୟମୀ ମନୋଭାବର ସମ୍ମାନ। ପ୍ରତ୍ୟେକ ସଫଳ ବ୍ୟବସାୟ ପଛରେ ରହିଥାଏ ଅନେକ ଅନିଦ୍ରା ରାତ୍ରି, ଅସଂଖ୍ୟ ପ୍ରୟାସ, ଆହ୍ୱାନର ମୁକାବିଲା ଓ ଭବିଷ୍ୟତ ପାଇଁ ବଡ଼ ସ୍ୱପ୍ନ। ଯେଉଁମାନେ ଶୂନ୍ୟରୁ ଆରମ୍ଭ କରି ସଫଳତାର ଶିଖରକୁ ପହଞ୍ଚନ୍ତି, ସେମାନେ ସମାଜ ପାଇଁ ପ୍ରେରଣାର ଉତ୍ସ। ଏହି ଆୱାର୍ଡ ଆରମ୍ଭ କରିଥିବାରୁ ମୁଁ ଧରିତ୍ରୀ ପରିବାରକୁ, ବିଶେଷକରି ତଥାଗତ ବାବୁଙ୍କୁ ଧନ୍ୟବାଦ ଜଣାଉଛି। ଧରିତ୍ରୀ ହେଉଛି ଆଧୁନିକ ଓଡିଶାର ଚ଼ିନ୍ତାଧାରାର ପରିଚ଼ୟ। ୧୯୭୪ ମସିହାରେ ଦେଶ ଯେତେବେଳେ ଏକ ଟ୍ରାଞ୍ଜିସନ ଫେଜ୍‌ରେ ଥିଲା, ସେହି ସମୟରେ ବିଶିଷ୍ଟ ଲେଖକ ତଥା ଔପନ୍ୟାସିକ କାଳିନ୍ଦୀ ଚ଼ରଣ ପାଣିଗ୍ରାହୀଙ୍କ ଦ୍ୱାରା ଏହି ଖବର କାଗଜ ଜନ୍ମନେଇଥିଲା। ଧରିତ୍ରୀ ସବୁବେଳେ ଯୁବ ବର୍ଗର ଆକାଂକ୍ଷାକୁ ପ୍ରତିଫଳିତ କରିଆସିଛି।

ଏହା ସେହି ଉଦ୍ୟୋଗୀମାନଙ୍କୁ ସମ୍ମାନ ଦେଇଥିଲା, ଯେଉଁମାନେ ସଙ୍କଟରେ ମଧ୍ୟ ନିଜ କର୍ମଚ଼ାରୀଙ୍କ ପାଖରେ ଦୃଢ଼ଭାବେ ଠିଆ ହୋଇଥିଲେ, ନିଜ ସଂସ୍ଥାକୁ ଚ଼ାଲୁ ରଖିଥିଲେ ଓ ଅର୍ଥନୀତିକୁ ନିଜର ଅବଦାନ ଜାରି ରଖିଥିଲେ। ସେମାନେ କେବଳ ବ୍ୟବସାୟୀ ନୁହନ୍ତି, ସେମାନେ ସମାଜର ପ୍ରକୃତ ସେବକ।

ଆଜି ଓଡ଼ିଶା ନୂତନ ଯୁଗର ସୀମାରେ ଦଣ୍ଡାୟମାନ। ଯେଉଁ ଓଡ଼ିଶା ତାର ସଂସ୍କୃତି, ଐତିହ୍ୟ, କଳା ଓ ପ୍ରାକୃତିକ ସମ୍ପଦ ପାଇଁ ପରିଚ଼ିତ, ସେହି ଓଡ଼ିଶା ଆଜି ଶିଳ୍ପ, ନିବେଶ, ଶିକ୍ଷା, ପ୍ରଯୁକ୍ତି ଓ ଆର୍ଥିକ ଅଗ୍ରଗତିର ଏକ ଶକ୍ତିଶାଳୀ କେନ୍ଦ୍ରରେ ପରିଣତ ହେଉଛି। ଓଡ଼ିଶା ଆଜି ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସହିତ ଅଗ୍ରସର ହେଉଥିବା ରାଜ୍ୟମାନଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ହାସଲ କରିଛି। ଆଜିର




ଓଡ଼ିଶା ଏକ ପରିବର୍ତ୍ତନର ମହାସନ୍ଧିକ୍ଷଣରେ ଦଣ୍ଡାୟମାନ। ଆମେ କେବଳ କଳା, ସଂସ୍କୃତି ଓ ପ୍ରାକୃତିକ ସମ୍ପଦରେ ସୀମିତ ନୁହେଁ, ବରଂ ବିଶ୍ୱର ଶିଳ୍ପ ଓ ପ୍ରଯୁକ୍ତି ମାନଚ଼ିତ୍ରରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛୁ। ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଆମ ରାଜ୍ୟର ଲମ୍ବା ସମୁଦ୍ରତଟ, ଉତ୍କୃଷ୍ଟ ଭୌଗୋଳିକ ସ୍ଥିତି, ଦକ୍ଷ ଯୁବଶକ୍ତି, ସ୍ଥିର ଶାସନ ବ୍ୟବସ୍ଥା ଏବଂ ଲୋକଙ୍କ ଅଦମ୍ୟ ସାହସ ଆମର ସବୁଠାରୁ ବଡ଼ ଶକ୍ତି। ଆମର ଏହି ଶକ୍ତିକୁ ନେଇ ଆମେ ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟରଖି ଆଗକୁ ବଢୁଛୁ। ୨୦୩୬ ସୁଦ୍ଧା ଆମର ଅର୍ଥନୀତି ୫୦୦ ବିଲିଅନ ଡଲାର ହେବ। ୨୦୪୭ ସୁଦ୍ଧା ଆମେ ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପହଞ୍ଚି ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବାର ଲକ୍ଷ୍ୟ ରଖିଛୁ। ସେହି ଲକ୍ଷ୍ୟ ନେଇ ଆମେ ଆଗକୁ ଚ଼ାଲିବା ଆରମ୍ଭ କରିଛୁ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପୂର୍ବୋଦୟର ପରିକଳ୍ପନାରେ ଓଡ଼ିଶା ସେଣ୍ଟର ଷ୍ଟେଜ୍‌ରେ ଅଛି। ଓଡ଼ିଶାର ପ୍ରତ୍ୟେକ ବିକାଶ ମୂଳକ ପ୍ରକଳ୍ପକୁ କେନ୍ଦ୍ର ସରକାର ଦୃଢ ସମର୍ଥନ ଦେଇ ଆସୁଛନ୍ତି। ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଇକୋନୋମିକ ରିଜିଅନର ପରିକଳ୍ପନା ବିଷୟରେ ଆପଣମାନେ ଜାଣିଛନ୍ତି। ଏ ସମଗ୍ର ଅଞ୍ଚଳକୁ କେବଳ ଓଡିଶା ନୁହେଁ, ସମଗ୍ର ପୂର୍ବ ଭାରତର ଅର୍ଥନୈତିକ ରାଜଧାନୀ ଭାବେ ଗଢିତୋଳିବା ପାଇଁ ଆମର ଯୋଜନା ଆରମ୍ଭ ହୋଇଛି। ମୋଦୀ ସରକାର ଏଥିପାଇଁ ୫ ହଜାର କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। ଆପଣମାନେ କ୍ୟାପିଟାଲ ରିଜିଅନ ରିଂରୋଡ୍ ବିଷୟରେ ଜାଣିଛନ୍ତି। ତା ସହିତ କୋଷ୍ଟାଲ ହାଇୱେ ମଧ୍ୟ ନିର୍ମାଣ ହେଉଛି। ଏହି ସବୁ ଭିତ୍ତିଭୂମି ଆମର ଯୋଗାଯୋଗ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ। ବର୍ତ୍ତମାନ ପ୍ରାୟ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଜାରି ରହିଛି। ଆଉ ଅଳ୍ପ କିଛି ବର୍ଷ ମଧ୍ୟରେ ଓଡିଶାର ୩୦ଟି ଜିଲ୍ଲାକୁ ରେଳ ଯୋଗାଯୋଗ ହୋଇଯିବ। ସଡକ ପଥରେ ମଧ୍ୟ କେନ୍ଦ୍ର ସରକାର ପ୍ରାୟ ୭୦ ହଜାର କୋଟି ଟଙ୍କାର ରାଜପଥ ପ୍ରକଳ୍ପ ଜାରି ରଖିଛନ୍ତି। ଆମ ସରକାର ମଧ୍ୟ ନମୋ ଏକ୍ସପ୍ରେସ୍ ୱେ, ଅଟଳ ଏକ୍ସପ୍ରେସୱେ ଏବଂ ବ୍ରହ୍ମପୁର-ଜୟପୁର ହାଇୱେ ନିର୍ମାଣ କରୁଛି। ଏହି ସବୁ ପଥ ଗୁଡିକ ଓଡିଶାର ଲାଇଫ ଲାଇନ୍ ହେବ। ଓଡିଶାରେ ବନ୍ଦର ବିକାଶ ପାଇଁ ଆମେ ଓଡିଶା ମାରିଟାଇମ ପର୍ସ୍ପେକ୍ଟିଭ ପ୍ଲାନ୍ ପ୍ରସ୍ତୁତ କରିଛୁ। ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦର ସବୁଦିନିଆ ବନ୍ଦରରେ ପରିଣତ ହେବ। କେନ୍ଦ୍ରାପଡାରେ ସିପ୍ ବିଲ୍ଡିଙ୍ଗ କ୍ଲଷ୍ଟର ଓ ଗଞ୍ଜାମର ବାହୁଦାରେ ଏକ ଡିପ୍ ସି ପୋର୍ଟ ନିର୍ମାଣ କରାଯିବ।

# ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



## ପରଦା ଖବର

# ସ୍ୱିଜରଲ୍ୟାଣ୍ଡରେ ଜାହ୍ନବୀ କପୁର





‘ ବଲିଉଡର ଲୋକପ୍ରିୟ ନାୟିକା ଜାହ୍ନବୀକପୁର ଏବେ ସ୍ୱିଜରଲ୍ୟାଣ୍ଡରେ ଅଛନ୍ତି। ସେ ସେଠାରୁ କିଛି ସୁନ୍ଦର ଫଟୋ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ଫଟୋକୁ ନେଇ ଅର୍ଜୁନ କପୁର ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

ଅଭିନେତ୍ରୀ ଜାହ୍ନବୀ କପୁର ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ଜେନେଭାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏକ ୩ଡ ଏମ୍ବ୍ରୋଡୋରି ଗାଉନ୍ ପିନ୍ଧି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଚମତ୍କାର ଏବଂ ଷ୍ଟାଇଲିସ୍ ଶୈଳୀ ସମସ୍ତଙ୍କ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମ ପରେ, ଜାହ୍ନବୀ କପୁର ସ୍ୱିଜରଲ୍ୟାଣ୍ଡର ସୌନ୍ଦର୍ଯ୍ୟରେ ବୁଡ଼ି ଯାଇଥିଲେ। ସେ କିଛି ଫଟୋ ସେୟାର କରିଥିଲେ।ଜାହ୍ନବୀ କପୁର ତାଙ୍କ ଇନଷ୍ଟାଗ୍ରାମ ଆକାଉ□ରେ କିଛିଫଟୋ ସେୟାର କରିଛନ୍ତ। ଏଥିରେ ସେ ସ୍ୱିଜରଲ୍ୟାଣ୍ଡ ବୁଲିବା ଦେଖିବାକୁ ମିଳିଛି। ତାଙ୍କ ହସ ଏବଂ ହାବଭାବ ସୂଚାଇ ଦେଉଛି ଯେ ସେ ବହୁତ ମଜା କରୁଛନ୍ତି। ସେ ପୋଷ୍ଟର କ୍ୟାପସନରେ ଲେଖିଛନ୍ତି, ସ୍ୱିସ୍ ସୂର୍ଯ୍ୟ ବିଷୟରେ କିଛି ବିଶେଷ ଅଛି। ଜାହ୍ନବୀ କପୁର ନୀଳ ପୋଷାକ ପିନ୍ଧି ଜଣେ ସ୍କୁଲ ଛାତ୍ରୀ ପରି ଦେଖାଯାଉଛନ୍ତି।ଜାହ୍ନବୀ କପୁର ନିଜର ଅନେକ ମନମୁଗ୍ଧକର ଫଟୋ ସେୟାର କରିଛନ୍ତି। ଗୋଟିଏ ଫଟୋରେ ସେ ଆଇସକ୍ରିମ ଖାଉଥିବାର ଦେଖାଯାଉଛି। ତାଙ୍କ ପଛରେ ଜଣେ ପୁରୁଷ ଠିଆ ହୋଇଥିବାର ଦେଖାଯାଉଛି, ତାଙ୍କ ମୁହଁ ସ୍ପଷ୍ଟ ନୁହେଁ; କେବଳ ଏକ ଝଲକ କଏଦ ହୋଇଛି। ପୁରୁଷଙ୍କ ରୂପ ଜାହ୍ନବୀଙ୍କ ପ୍ରେମିକ ଶିଖର ପହାରିଆଙ୍କ ଭଳି। ଏଠାରେ ପ୍ରଶ୍ନ ଉଠୁଛି, ସତରେ ଶିଖର ମଧ୍ୟ ଜାହ୍ନବୀଙ୍କ ସହିତ ସ୍ୱିଜରଲ୍ୟାଣ୍ଡ ଯାଇଛନ୍ତି କି?

# କ୍ଷମାର ମହିମା

ଭାରତୀୟ ସଂସ୍କୃତି, ଧର୍ମ ବିଶ୍ୱାସ ଓ ସାମାଜିକ ବିଧି ଅନୁସାରେ ଆଲାକପାତ କଲେ ବଳିଦାନ, ରକ୍ତପାତ, ଦାନ ଓ କୁର୍‌ବାନିର ମୂଲ୍ୟ ଅତି ଗଭୀର । ଏହା ଏକ ଅସାଧାରଣ ବିଷୟ । ଆତ୍ମବଳିଦାନ ସମସ୍ତ ପକ୍ଷରେ ସାଧ୍ୟ ନୁହେଁ । କେବଳ ଈଶ୍ୱରଙ୍କ ଈଶ୍ୱରୀୟ ଗୁଣସମ୍ପନ୍ନ ବ୍ୟକ୍ତି ହିଁ ଏହା କରିପାରନ୍ତି । ପ୍ରାୟ ୨୦୦୦ ରୁ ଅଧିକ ବର୍ଷ ତଳେ ଏହା ଥିଲା ସଂପୂର୍ଣ୍ଣ ଶେଷ ବଳିଦାନ । ଯେକୌଣସି ବ୍ୟକ୍ତି ମୃତ୍ୟୁ ଭୋଗ କରିବା ସମୟରେ କହିଥିବା ଶେଷ ବାଣୀକୁ ଗୁରୁତ୍ୱ ଦିଆଯାଇଥାଏ । “ହେ ପିତାଃ ଏମାନଙ୍କୁ କ୍ଷମା କର କାରଣ ସେମାନେ କ’ଣ କରୁଛନ୍ତି ଜାଣନ୍ତି ନାହିଁ ।” କ୍ରୁଶୀୟ ବଳିଦାନ ସମୟରେ ଏହା ଥିଲା ଯୀଶୁଙ୍କ ବାଣୀ । ଏହା ଥିଲା କ୍ଷମାର ବାଣୀ ଓ ଆଜି ମଧ୍ୟ ପ୍ରଭୁ ଯୀଶୁଙ୍କ କ୍ଷମାଗୁଣ ସମସ୍ତଙ୍କ ପାଇଁ ଅତୁଟ ରହିଛି । ପ୍ରଭୁ ଯୀଶୁ ପିତା ଈଶ୍ୱରଙ୍କ



ନିକଟରେ ସମସ୍ତଙ୍କ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ। ଏହା ଏକ ବିଚିତ୍ର ପ୍ରାର୍ଥନା ଥିଲା । କ୍ଷମା ଏକ ଅସାଧାରଣ ବିଷୟ । କ୍ଷମା କରିବା ସହଜସାପେକ୍ଷ ନୁହେଁ;କିନ୍ତୁ ଏହା ସମ୍ଭବ । ଏଠାରେ ପ୍ରଭୁ ଯୀଶୁ ମନୁଷ୍ୟ ସମାଜ ପାଇଁ ଏକ କ୍ଷମାର ନମୁନା ଦେଖାଇଛନ୍ତି । କ୍ଷମା କରି ଶତ୍ରୁକୁ ଜୟ କରାଯାଏ । କ୍ଷମା କରି ଶାନ୍ତି ବଜାୟ ରଖାଯାଏ । ସ୍ୱାମୀ ସ୍ତ୍ରୀ ମଧ୍ୟରେ କ୍ଷମା ଏକ ନୂତନ ସଂସାର ଫେରାଇ ଆଣେ। ପରିବାର, ସମାଜ, ଦେଶରେ ଅଜିର ଜରୁରୀ ହେଉଛି ‘କ୍ଷମା’ । ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ପ୍ରେରଣ କରିଥିଲେ; ତେଣୁ ଯେ କେହି ଯିଶୁଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବ ।

# ଲୋକକଥାରେ ଶ୍ରୀଜଗନ୍ନାଥ

ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ପବିତ୍ର ଦାରୁକୁ ନେଇ ମହାବେଦୀ ଉପରେ ସ୍ଥାପନ କଲେ। ସ୍ୱପ୍ନବାଣୀ ଅନୁସାରେ ଜଣେ ବୃଦ୍ଧ ବାର୍ଦ୍ଧକ୍ୟ(ଅନନ୍ତ ମହାରଣା) ଉପସ୍ଥିତ ହୋଇ ଏହି ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣର ଦାୟିତ୍ୱ ନେଲେ। ଏହି ଅନନ୍ତ ମହାରଣା ସ୍ୱୟଂ ବିଷ୍ଣୁ। ଗୋପନରେ ବିଗ୍ରହମାନ ନିର୍ମାଣର ୧୫ଦିନ ପରେ ଚତୁର୍ଦ୍ଧା ମୂର୍ତ୍ତି ଅର୍ଥାତ୍ ଶ୍ରୀବଳ ଭଦ୍ର, ମା’ ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ସୁଦର୍ଶନ ପ୍ରକାଶମାନ ହେଲେ। କିନ୍ତୁ ଶିଳ୍ପୀ ଅନ୍ତର୍ଦ୍ଧାନ ହୋଇଗଲେ। ପୁନର୍ବାର ଦେବବାଣୀ ହେଲା- ଚତୁର୍ଦ୍ଧା ମୂର୍ତ୍ତିକୁ ପାଟବସ୍ତ୍ର ଦ୍ୱାରା ଆବୃତ୍ତ କରି ଚିତ୍ରକର ଦ୍ୱାରା ନିଜ ବର୍ଣ୍ଣରେ ଚିତ୍ରିତ କର। ଦୈବାଦେଶ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ଅନ୍ୟ ରାଜାମାନଙ୍କ ସହାୟତାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କଲେ ଓ



ବିଗ୍ରହ ପ୍ରତିଷ୍ଠା କରାଇଲେ ବ୍ରହ୍ମାଙ୍କୁ ପୁରୋହିତ ଭାବରେ ନିମନ୍ତ୍ରଣ କରି। ଏଥିପାଇଁ ସେ ନାରଦଙ୍କ ସହ ବ୍ରହ୍ମଲୋକଙ୍କୁ ଯାତ୍ରା କଲେ। ବ୍ରହ୍ମାଙ୍କ ସାନ୍ନିଧ୍ୟରେ ଥିବାରୁ ଇନ୍ଦ୍ରଦ୍ୟୁମ୍ନ ଜରା ଓ ମୃତ୍ୟୁର ବଶୀଭୂତ ହୋଇନାହାନ୍ତି। କିନ୍ତୁ ମର୍ତ୍ତ୍ୟଲୋକରେ ବିଷ୍ଣୁଙ୍କର ଦାରୁ ମୂର୍ତ୍ତି ଓ ପ୍ରସାଦ ବିଦ୍ୟମାନ ରହିଛି। ବ୍ରହ୍ମା ନିର୍ଦ୍ଦେଶ ଦେଲେ ଯେ, ଶୀଘ୍ର ମର୍ତ୍ତ୍ୟ ଲୋକକୁ ଯାଇ ଦେବ ଓ ଦେବ ମନ୍ଦିରକୁ ସ୍ୱୀୟ ଆୟତକୁ ଆଣ ଓ ପ୍ରତିଷ୍ଠା ପାଇଁ ଆୟୋଜନ କର।

# ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ

ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ ରାଜାଙ୍କୁ ପଢାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଆପଣ ଗୁରୁଙ୍କ ଏ ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ’ଣ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ,



ରାଜା ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ ଉଚ୍ଚ ସ୍ଥାନରେ ରହିଲେ ମଧ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

# ଡାର୍କ ସର୍କଲ୍ ହେବାର କାରଣ

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ



ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା’ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା’ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।

୧. ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।

୨. ପୋଷଣ ଅଭାବରୁ ମଧ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ।

୩. ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖା ଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।

୪. ଆଲର୍ଜି ବା ଔଷଧ ଯୋଗୁଁ ମଧ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା’ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।

୫. ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।

# ଜେଇଇ (ମେନ୍) ୨୦୨୬ ସେସନ୍-୨ରେ ଓଏଭି ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର,୨୪।୪(ମହାଭାରତ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ର ଛାତ୍ରଛାତ୍ରୀମାନେ ଜଏଂଟ ଏଂଟ୍ରାନ୍ସ ପରୀକ୍ଷା (ଜେଇଇ) ମେନ୍ ୨୦୨୬ (ସେସନ୍-୨) ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ।ବିଭିନ୍ନ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ମୋଟ ୧୪୧ ଜଣ ଛାତ୍ରଛାତ୍ରୀ ଜେଇଇ (ଏଡଭାନ୍ସଡ୍) ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି, ଯାହା ଏହି ଶିକ୍ଷାନୁଷ୍ଠାନ ପାଇଁ ଏକ ବଡ଼ ସଫଳତା । ଶୀର୍ଷ ସଫଳତା ପାଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ପିୟୂଷ ରଞ୍ଜନ ସ୍ୱାଇଁ ୯୯.୮୯ ପ୍ରତିଶତ ରଖି ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ୭ ଜଣ ଛାତ୍ରଛାତ୍ରୀ ୯୯ ପ୍ରତିଶତରୁ ଅଧିକ, ୩୪ ଜଣ ୯୫ ପ୍ରତିଶତରୁ ଅଧିକ ଏବଂ ୬୩ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି ।ଏହି ଉଲ୍ଲେଖନୀୟ ସଫଳତା ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟ, ନିଷ୍ଠା, ଶୃଙ୍ଖଳା ଓ କଠିନ ପରିଶ୍ରମ ସହିତ ଓଡ଼ିଶାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଏବଂ ପରାମର୍ଶଦାତାଙ୍କ ନିରନ୍ତର ପ୍ରଚେଷ୍ଟାକୁ ପ୍ରତିଫଳିତ କରୁଛି । ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଦକ୍ଷତାକୁ ଏହି ସଫଳତା ପ୍ରମାଣିତ କରିଛି । ଏହି ଅବସରରେ ବିଭାଗର ଅଧିକାରୀ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି ।

# ଓଡ଼ିଶାରେ ଇନ୍ଧନ ଯୋଗାଣ ସ୍ଥିର ରହିଛି

## ଖାଉଟି ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ସୁଦୃଢ଼ କଲା ଇଣ୍ଡିଆନ୍ ଅଏଲ୍

ନୂଆଦିଲ୍ଲୀ,୨୪।୪(ମହାଭାରତ): ଜାରି ରହିଥିବା ଭୂ-ରାଜନୈତିକ ପରିସ୍ଥିତି ଯୋଗୁଁ ଅନ୍ତର୍ଜାତୀୟ ଉର୍ଜ୍ଜା ବଜାର ପ୍ରଭାବିତ ହେବାସତ୍ତ୍ୱେ ଓଡ଼ିଶାରେ ଏଲପିଜି, ପେଟ୍ରୋଲ୍ ଓ ଡିଜେଲ ଯୋଗାଣ ସ୍ୱାଭାବିକ ଓ ସ୍ଥିର ରହିଛି ବୋଲି ଇଣ୍ଡିଆନ୍ ଅଏଲ୍ ସ୍ପଷ୍ଟ କରିଛି । ରାଜ୍ୟବ୍ୟାପୀ ବିଭିନ୍ନ ଅତ୍ୟାବଶ୍ୟକ ଇନ୍ଧନର ନିରବଚ୍ଛିନ୍ନ ଉପଲବ୍ଧତା ବଜାୟ ରଖିବାକୁ ପରିସ୍ଥିତି ଉପରେ ନିୟମିତଭାବେ ନଜର ରଖାଯାଇଛି ।

କର୍ପୋରେସନ ପକ୍ଷରୁ ଆହୁରି ମଧ୍ୟ ସୂଚନା ଦିଆଯାଇଛି ଯେ ଇଣ୍ଡେନ୍ ଏଲପିଜି ଗ୍ରାହକଙ୍କ ସୁବିଧା ଓ ସେମାନଙ୍କ ଅଭିଯୋଗଗୁଡ଼ିକର ସମାଧାନ ଲାଗି ଏକ ଦୃଢ଼ ତଥା ସହଜ ଅଭିଯୋଗ ପଂଜୀକରଣ ଓ ସମାଧାନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଜରୁରୀକାଳୀନ ସହାୟତା ପାଇଁ ଗ୍ରାହକମାନେ ୨୪ ଘଣ୍ଟିଆ ଏଲପିଜି ସହାୟତା ନମ୍ବର ୧୯୦୬କୁ ଫୋନ କରିପାରିବେ । ଗ୍ୟାସ୍ ଲିକ୍ ଓ ନିରାପତ୍ତା ସଂପର୍କିତ ସମସ୍ୟା ପାଇଁ ଏହା ଏକ ସମର୍ପିତ ସର୍ବଭାରତୀୟ ସହାୟତା ନମ୍ବର ଅଟେ । ଏହା ସହିତ, ସାଧାରଣ ଅଭିଯୋଗ ଏବଂ ସେବା ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ସକାଳ ୮ଟାରୁ ରାତି ୮ଟା ମଧ୍ୟରେ ଶୁଳ୍କମୁକ୍ତ ଗ୍ରାହକସେବା ନମ୍ବର (୧୮୦୦-୨୩୩୩-୫୫୫) ମାଧ୍ୟମରେ ପଞ୍ଜୀକୃତ କରାଯାଇପାରିବ ।

ଗ୍ରାହକମାନେ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବି ଅଭିଯୋଗ ଦାଖଲ କରିପାରିବେ । ଇଣ୍ଡିଆନ ଅଏଲର ଅଫିସିଆଲ୍ ଓ୍ୱେବ୍ ?ସାଇଟ୍ ?ରେ ଏକ ସ୍ୱତନ୍ତ୍ର ମତାମତ ଓ ଅଭିଯୋଗ ପୋର୍ଟାଲ ରହିଛି । ଉପଭୋକ୍ତାମାନେ ସେଠାରେ ନିଜର ୧୭ ଅଙ୍କ ବିଶିଷ୍ଟ ପଂଜୀକୃତ ଏଲପିଜି ଆଇଡି କିମ୍ବା ଉପଭୋକ୍ତା ନମ୍ବର ବ୍ୟବହାର କରି ନିଜର ଅଭିଯୋଗ ଦାଖଲ କରିପାରିବେ । ଏହାଛଡ଼ା ଉଭୟ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ଇଣ୍ଡିଆନ ଅଏଲ୍ ଓ୍ୱାନ୍ ମୋବାଇଲ୍ ଆପ୍ ବ୍ୟବହାର କରି ଅଭିଯୋଗ ଦାଖଲ କରାଯାଇପାରିବ ଓ ଅଭିଯୋଗର ସ୍ଥିତି ଜାଣିହେବ । ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଲାଗି ହେଲପଲାଇନ ଓ ଅନଲାଇନ ପୋର୍ଟାଲ୍ ମାଧ୍ୟମରେ କରାଯାଉଥିବା ପ୍ରତ୍ୟେକ ଅଭିଯୋଗ ସହ ଏକ ୟୁନିକ୍ ସର୍ଭିସ ରିକ୍ୱେଷ୍ଟ ନମ୍ବର (ଏସଆରଏନ) ପ୍ରଦାନ କରାଯାଇଥାଏ । ଏହା ଦ୍ୱାରା ଉପଭୋକ୍ତାମାନେ ଅଫିସିଆଲ୍ ଟ୍ରାକିଂ ସିଷ୍ଟମ ମାଧ୍ୟମରେ ନିଜ ଅଭିଯୋଗର ସ୍ଥିତି ଜାଣିପାରିବେ । ପ୍ରତ୍ୟେକ ଅଭିଯୋଗର ଜବାବ ଓ ସମାଧାନ ଅତି ବେଶୀରେ ତିନିଦିନ ମଧ୍ୟରେ ପ୍ରଦାନ କରିବାକୁ ଉଦ୍ୟମ କରାଯାଉଥିବା ଇଣ୍ଡିଆନ ଅଏଲ କର୍ପୋରେସନ ପକ୍ଷରୁ ସୂଚନା ଦିଆଯାଇଛି ।

ଓଡ଼ିଶାରେ ଏଲପିଜି, ପେଟ୍ରୋଲ ଓ ଡିଜେଲର ନିରବଚ୍ଛିନ୍ନ ଯୋଗାଣ ଜାରି ରଖିବା ସହ ଗ୍ରାହକ ସନ୍ତୁଷ୍ଟି ଓ ଦକ୍ଷ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଉପରେ ସର୍ବାଧିକ ପ୍ରାଥମିକତା ଦିଆଯାଉଛି ବୋଲି କର୍ପୋରେସନ ସ୍ପଷ୍ଟ କରିଛି ।

# ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓଙ୍କ ସହ ଆମେରିକୀୟ କନସୁଲ୍ ଜେନେରାଲଙ୍କ ସୌଜନ୍ୟମୂଳକ ସାକ୍ଷାତକାର

ଭୁବନେଶ୍ୱର,୨୪।୪(ମହାଭାରତ): ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆମେରିକାର କନସୁଲ୍ ଜେନେରାଲ୍ ମିସ୍ ଲୌରା ବୁଧବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତରେ ଅକ୍ଷୟ ଶକ୍ତି, ସେମିକଣ୍ଡକ୍ଟର ନିର୍ମାଣ ଏବଂ ଓଡ଼ିଶାର ସମୃଦ୍ଧ ପର୍ଯ୍ୟଟନ ଓ ସାଂସ୍କୃତିକ ଐତିହ୍ୟର ପ୍ରସାର ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।ଏହି ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଥିଲା ସ୍ଥାୟୀ ଶକ୍ତି ଆଡ଼କୁ ପରିବର୍ତ୍ତନ ।



ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅକ୍ଷୟ ଶକ୍ତି ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାର ବର୍ଦ୍ଧିତ କାର୍ଯ୍ୟପ୍ରଣାଳୀ ଉପରେ ଆଲୋକପାତ କରିଥିଲେ । ଶକ୍ତି ସଂଚୟ ପାଇଁ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା । ପିକ୍ ସମୟରେ ବିଦ୍ୟୁତ୍ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରୀଡ୍ ସିଷ୍ଟମ୍ ଏବଂ ସୌର ପ୍ରକଳ୍ପରେ ବ୍ୟାଟେରୀ ଷ୍ଟୋରେଜ୍‌କୁ ସାମିଲ କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

ସେମିକଣ୍ଡକ୍ଟର ଏବଂ ଡିଜିଟାଲ୍ ଭିତିଭୂମିରେ, ରାଜ୍ୟରେ ଭାରତର ପ୍ରଥମ ୩ଡ଼ ଗ୍ଲାସ ସେମିକଣ୍ଡକ୍ଟର ଚିପ୍ ନିର୍ମାଣ ପ୍ରୟାସ ଉପରେ ଆଲୋଚନା ହୋଇଥିଲା । ଏଥିସହ ଡାଟା ସେଂଟର ସ୍ଥାପନ ଏବଂ ଡିଜିଟାଲ୍ ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ଭୂତଳ କେବୁଲ୍ ବିଛାଇବା ଯୋଜନା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଓଡ଼ିଶା ଉପକୂଳରେ ମିଳୁଥିବା ଦୁର୍ଲଭ ଖଣିଜ ସମ୍ପଦର ଅନ୍ୱେଷଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ।

ଶିଳ୍ପ ଅଭିବୃଦ୍ଧି ଏବଂ ପୁଞ୍ଜିନିବେଶ ନିମନ୍ତେ ଅଞ୍ଚଳର ଯୋଗାଣ ଶୃଙ୍ଖଳା ଏବଂ ଲଜିଷ୍ଟିକ୍ସ ପରିଚାଳନା କ୍ଷମତା, ଓଡ଼ିଶାର ଉଦ୍ୟୋଗୀ ପ୍ରତିଭାକୁ ସୁଦୃଢ଼ କରିବା ପାଇଁ ପରିପକ୍ୱ ଷ୍ଟାର୍ଟଅପ୍ ଗୁଡ଼ିକ ପାଇଁ ପାଣ୍ଠି ଯୋଗାଡ଼ ଉପରେ ମଧ୍ୟ ଆଲୋଚନା ହୋଇଥିଲା । କନସୁଲ ଜେନେରାଲ ଓଡ଼ିଶାର ସହନଶୀଳତା, ବିଶେଷ କରି ସାମୁଦ୍ରିକ ବାତ୍ୟା ପରେ ରାଜ୍ୟର ଅଭୁତପୂର୍ବ ବିଦ୍ୟୁତ୍ ବିତରଣ ଏବଂ ପୁନରୁଦ୍ଧାର କାର୍ଯ୍ୟର ପ୍ରଶଂସା କରିଥିଲେ । ପର୍ଯ୍ୟଟନ ଏବଂ ଦ୍ୱିପାକ୍ଷିକ ସାଂସ୍କୃତିକ ବିନିମୟକୁ ପ୍ରୋତ୍ସାହିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟ, ଜାତୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାରେ ରାଜ୍ୟର ସକ୍ରିୟ ଭୂମିକା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ ।ଏହି ସୌଜନ୍ୟମୂଳକ ସାକ୍ଷାତକାର ଅବସରରେ ମୁଖ୍ୟ କନସୁଲଙ୍କୁ ଓଡ଼ିଶାର ଜୀବନ୍ତ ସଂସ୍କୃତି ସମ୍ପର୍କିତ ଏକ ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା ।

# ଜନଗଣନାକାରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ଏବଂ ମ୍ୟୁନିସିପାଲ୍ କମିଶନରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୪(ମହାଭାରତ):ପ୍ରଥମ ପର୍ଯ୍ୟାୟ ଜନଗଣନା ପରିପ୍ରେକ୍ଷୀରେ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଶ୍ରୀ ପୂଜାରୀ ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସମ୍ପ୍ରତି ରାଜ୍ୟରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ୧୬ ଏପ୍ରିଲ ୨୦୨୬ରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ଆବାସ ଗଣନା ଚାଲୁରହିଛି । ଏହି ପରିପ୍ରେକ୍ଷୀରେ ଜନଗଣନାରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନେ ଘରକୁ ଘର ବୁଲି ଘରର ଅବସ୍ଥା, ପାରିବାରିକ ସୁବିଧା ଏବଂ ପରିବାର ସମ୍ବନ୍ଧିତ ବିଭିନ୍ନ ତଥ୍ୟ ସଂଗ୍ରହ କରୁଛନ୍ତି । ତେବେ,ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାମ୍ନାକୁ ଆସିଥିବା କିଛି ଘଟଣା ସମ୍ପର୍କରେ ରାଜ୍ୟସରକାର ଚିନ୍ତାପ୍ରକଟ କରିବା ସହ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ସଜାଗ ରହିଛନ୍ତି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ପ୍ରମୁଖ ଜନଗଣନା ଅଧିକାରୀ ତଥା ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ମ୍ୟୁନିସିପାଲ୍ ଅଫିସରମାନଙ୍କୁ ଚିଠି ଲେଖିଛନ୍ତି । ବିଶେଷ ଭାବେ ଗ୍ରୀଷ୍ମପ୍ରବାହ ତଥା ପ୍ରଚଣ୍ଡ ତାତିଜନିତ ସମସ୍ୟାର ମୁକାବିଲା, କାର୍ଯ୍ୟ ସମୟରେ ରହିଥିବା ବିଭିନ୍ନ ବିପଦ ଗୁଡ଼ିକୁ ଚିହ୍ନଟ କରିବା ସହ ଜନଗଣନାକାରୀଙ୍କୁ ନିୟମିତ ଭାବେ ଟ୍ରାକ୍ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଏହାବ୍ୟତୀତ ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଗଣନାକାରୀଙ୍କୁ ସେମାନଙ୍କ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇବା ପାଇଁ ପରାମର୍ଶ ଦିଆଯାଇଛି ; ଯାହା ଫଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁରୁଖୁରୁରେ ଏବଂ ନିର୍ଭୁଲ ଭାବେ ତଥ୍ୟ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇପାରିବ ।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅଧିକାରୀମାନେ ଜନଗଣନା କରିବେ ନାହିଁ । ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟ ସ୍ଥଗିତ ରଖିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜନଗଣନାକାରୀଙ୍କ ପ୍ରାଥମିକ ଆବଶ୍ୟକତା ତଦାରଖ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ସୁରକ୍ଷା ପାଇଁ ଏସଓପି ଜାରି କରି ଗୃହ ବିଭାଗ ସହ ଆଲୋଚନା କରି ପୋଲିସ ପ୍ରଶାସନକୁ ଦାୟିତ୍ୱ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଜନଗଣନା କାର୍ଯ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୁଖ୍ୟତଃ ନିୟୋଜିତ ହୋଇଥିବାରୁ ବିଦ୍ୟାଳୟରେ ଶିଶୁମାନଙ୍କ ପାଠପଢ଼ା ଏବଂ ମଧ୍ୟାହ୍ନ ଭୋଜନରେ ବ୍ୟାଘାତ ନ ହେବା ପାଇଁ ବ୍ୟବସ୍ଥା କରାଯାଇଛି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏବଂ ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଉପସ୍ଥିତ ଥିଲେ ।

# କଟକରେ ଉତ୍ତମ ସଡ଼କ ସଂଯୋଗୀକରଣ ନେଇ ପୂର୍ତ୍ତ ମନ୍ତ୍ରୀଙ୍କୁ ଭେଟିଲେ ସୋଫିଆ

ଭୁବନେଶ୍ୱର,୨୪।୪(ମହାଭାରତ): କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ବୁଧବାର ଦିନ ରାଜ୍ୟ ପୂର୍ତ୍ତ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି କଟକରେ ଉତମ ସଡ଼କ ସଂଯୋଗୀକରଣର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରି ଏକ ଚିଠି ପ୍ରଦାନ କରିଛନ୍ତି । କଟକରେ ଯାତାୟାତକୁ ସହଜ କରିବା ଏବଂ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ତିନୋଟି ନୂତନ ସେତୁ ଯଥା ବାଲିଯାତ୍ରା ଗ୍ରାଉଣ୍ଡ ରିଙ୍ଗ ରୋଡ୍ ରୁ ଚଷାପଡ଼ା, ଚୌଦ୍ୱାର ,ବିଦ୍ୟାଧରପୁରରୁ ସିଡିଏ ସେକ୍ଟର-୧୧ ଏବଂ ମୁକାମେଶ୍ୱର, ଗୋପାଳପୁରରୁ ମଲାଚଣ୍ଡିଆ ଟ୍ରାଫିକ୍ ଛକ ପ୍ରସ୍ତାବିତ ହୋଇଥିଲା । ଚହଟାରେ କଟକ ସହର ରିଙ୍ଗ ରୋଡ୍ ପ୍ରକଳ୍ପରେ ବିଳମ୍ବ ଏବଂ ବିଦ୍ୟାଧରପୁରରେ ରାସ୍ତା ନିର୍ମାଣ କାର୍ଯ୍ୟ ସମେତ ବାକି ଥିବା ରାସ୍ତା କାର୍ଯ୍ୟର ପ୍ରସଙ୍ଗ ଏବଂ ବର୍ଷା ଋତୁ ଆରମ୍ଭ ହେବା ପୂର୍ବରୁ ସେଗୁଡ଼ିକୁ ସାରିବାକୁ ଅନୁରୋଧ କରିଥିଲେ ।

# ସିପିଆଇର ପ୍ରାକ୍ତନ ରାଜ୍ୟ ସମ୍ପାଦକ ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ

ଭୁବନେଶ୍ୱର, ୨୪।୪(ମହାଭାରତ): ବିଶିଷ୍ଟ ମାର୍କ୍ସବାଦୀ ତତ୍ତ୍ୱବିତ୍, ପ୍ରଚଣ୍ଡ ବାଗ୍ମୀ, 'ନୂଆଦୁନିଆ'ର ପୂର୍ବତନ ସମ୍ପାଦକ, ଭଦ୍ରକ କଲେଜ ଛାତ୍ର ସଂସଦର ପ୍ରାକ୍ତନ ସମ୍ପାଦକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ, ବରିଷ୍ଠ ଶ୍ରମିକ ନେତା କମ୍ରେଡ ଦିବାକର ନାୟକଙ୍କ ରାଜ୍ୟ ସ୍ତରୀୟ ପ୍ରଥମ ବାର୍ଷିକ ସ୍ମୃତି ସମାରୋହ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଦିବାକର ନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହି ସମାରୋହରେ ସେ ପ୍ରାରମ୍ଭରେ ଦିବାକର ନାୟକଙ୍କ ସଂକ୍ଷିପ୍ତ ଜୀବନୀର ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସାମ୍ପ୍ରତିକ, ରାଜନୈତିକ ଓ ସାମାଜିକ ପରିସ୍ଥିତିର ଅବତାରଣା କରି ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟିକାରୀ ବିଭାଜନକାରୀ ଶକ୍ତି ବିରୁଦ୍ଧରେ ବାମ ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ ଶକ୍ତିର ମିଳିତ ଆନ୍ଦୋଳନ ହିଁ ଏହାର ମୁକାବିଲା କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା "ସ୍ମୃତିରେ ସଂଗ୍ରାମୀ ଦିବାକର ନାୟକ" ସ୍ମରଣିକା ଉନ୍ମୋଚିତ ହୋଇଥିଲା ।

# ୯.୮ ଲକ୍ଷ ଭୋଟର ବାଦ୍ ପଡ଼ିବା ପ୍ରସଙ୍ଗରେ ସିଇଓଙ୍କ ଅଫିସ୍ ଘେରିଲା ବିଜେଡି

ଭୁବନେଶ୍ୱର,୨୪।୪(ମହାଭାରତ): ଓଡ଼ିଶାରେ ସ୍ପେସିଆଲ ଇଂଟେନସିଭ ରିଭିଜନ ପୂର୍ବରୁ ଭୋଟର ତାଲିକାରୁ ୯.୮ ଲକ୍ଷ ଭୋଟରଙ୍କ ନାମ କଟିବାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ୍ ଘେରାଉ କରି ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରିଥିଲା ବିଜୁ ଜନତା ଦଳ । ଏହି ପ୍ରତିବାଦ ସଭାରେ ବିଜୁ ମହିଳା ଜନତା ଦଳର ଅନେକ ବରିଷ୍ଠ ନେତୃତ୍ୱଙ୍କ ସହିତ ବହୁସଂଖ୍ୟାରେ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ବିଜୁ ଯୁବ ଜନତା ଦଳ ସଭାପତି ଶ୍ରୀ ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସୀତା ସାହୁଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ବିଜେଡିର ପ୍ରତିନିଧି ମଣ୍ଡଳୀ ବିସ୍ତୃତ ଭାବେ ଆଲୋଚନା କରିଥିଲା । କୌଣସି ଭୋଟରଙ୍କୁ ବାଦ୍ ଦେବା ପୂର୍ବରୁ ବୁଥ୍ ଲେଭଲ୍ ଅଫିସରମାନଙ୍କ ଦ୍ୱାରା ସ୍ୱଚ୍ଛ ଓ ନିର୍ଭୁଲ ଯାଂଚ କରାଯାଉ । ସମ୍ପୂର୍ଣ୍ଣ ପାରଦର୍ଶିତା ପାଇଁ ନିର୍ବାଚନମଣ୍ଡଳୀ ଭିତିକ ତଥ୍ୟ ପ୍ରକାଶ, ପ୍ରଭାବିତ ଜିଲ୍ଲାରେ ସ୍ୱାଧୀନ ଅଡିଟ୍ ଏବଂ ଭୋଟର ଅଧିକାର ସୁରକ୍ଷା ପାଇଁ ଅଭିଯୋଗ ନିବାରଣ ବ୍ୟବସ୍ଥା କରାଯାଉ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଥିଲା ।ବିଶେଷକରି ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ମହିଳା ଏବଂ ପୁରୁଷ ମାନଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନପଡେ, ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ଅଛି ବୋଲି ପ୍ରତିନିଧି ମଣ୍ଡଳୀ କହିଥିଲେ । କୌଣସି ଯୋଗ୍ୟ ନାଗରିକ ତାଙ୍କର ସାମ୍ବିଧାନିକ ଭୋଟ ଅଧିକାରରୁ ଯେପରି ବଂଚିତ ହେବେ ନାହିଁ, ସେଥିପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ହସ୍ତକ୍ଷେପ ଦାବି କରିଛି ବିଜୁ ଜନତା ଦଳ ।

# ଟ୍ରଷ୍ଟ ଗଠନ ନେଇ ନବୀନଙ୍କୁ ସୌମ୍ୟଙ୍କ ସମାଲୋଚନା

ଭୁବନେଶ୍ୱର,୨୪।୪(ଯୁବମୋର୍ଚ୍ଚା): ଟ୍ରଷ୍ଟ ଗଠନକୁ ନେଇ ବିଜେଡି ସୁପ୍ରମୋ ନବୀନ ପଟ୍ଟନାୟକକୁ କଡା ସମାଲୋଚନା କରିଛନ୍ତି ସୌମ୍ୟ ରଂଜନ ପଟ୍ଟନାୟକ । ଆମ ଘର ହାଲ ଚାଲ ରେ ଟ୍ରଷ୍ଟ ଗଠନକୁ ନେଇ ବିଜେଡି ସୁପ୍ରମୋ ନବୀନ ପଟ୍ଟନାୟକକୁ କଲେ କଡା ସମାଲୋଚନା ।ସୌମ୍ୟ ରଞ୍ଜନ ଲେଖିଛନ୍ତି ନବୀନ ବାବୁ ଯେଉଁ ତିନି ଜଣଙ୍କୁ ଟ୍ରଷ୍ ର ଦାୟିତ୍ୱ ଦେଇଛନ୍ତି ସେମାନେ ଯେ ତାଙ୍କର ବିଶ୍ୱସ୍ତ ଏହା ଅସ୍ୱୀକାର କରି ହେବ କି? ଟ୍ରଷ୍ଟ ମାଧ୍ୟମରେ ନବୀନ ଏକ ପ୍ରକାର ନିଜ ଉତ୍ତରାଧିକାରୀ କିଏ ତାକୁ ହାତ କାଟି ଲେଖି ଦେଇଛନ୍ତି । ୨୪ ବର୍ଷ ଶାସନରେ ଭୋଟର ଦେଇଥିବା ସ୍ନେହ ଶ୍ରଦ୍ଧାକୁ ଲକ୍ଷେ ଟଙ୍କାରେ ଋଣ ପରିଶୋଧ କରିବାକୁ ଚେଷ୍ଟା କରିଛନ୍ତି । ୨୪ ବର୍ଷ ଶାସନରେ କେତେ ହଜାର କୋଟି ନିଜେ ଓ ନିଜ ସହଯୋଗୀଙ୍କ ପାଇଁ ରୋଜଗାର କରିବାକୁ ବିଚାର କଲେ ଭିକାରି ବି ଲକ୍ଷେ ଟଙ୍କାକୁ ପ୍ରତ୍ୟାଖ୍ୟାନ କରିବ ବୋଲି ସୌମ୍ୟ କହିଛନ୍ତି । ଏହା ସହ ବିଜୁ ଜନତା ଦଳର ଅନ୍ଧ ଭକ୍ତ ମାନଙ୍କ ପାଇଁ ଏହା ସତର୍କ ଘଣ୍ଟି କାରଣ ଗତ ନିର୍ବାଚନରେ ବିପର୍ଯ୍ୟୟ ପାଇଁ ଯାହାକୁ ଦାୟୀ କରାଯାଇଛି ସେ ଏବେ ବି ତାଙ୍କ ନେତାଙ୍କ ସବୁଠୁ ବେଶି ବିଶ୍ୱସ୍ତ । ନବୀନ ବାବୁଙ୍କ ଓଡ଼ିଆଙ୍କ ପ୍ରତି ଅବିଶ୍ୱାସ ଏବଂ ଘୃଣା ଛଡା ଅନ୍ୟ କିଛି ନାହିଁ ବୋଲି ସୌମ୍ୟ ପଟ୍ଟନାୟକ କହିଛନ୍ତି ।

# ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୪(ମହାଭାରତ): ପଂଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କରାଯାଇଛି । ଗତକାଲି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍. ରାଜ୍ୟରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମୀକ୍ଷା କରିଥିଲେ । ବୈଠକରେ ଗ୍ରାମାଂଚଳରେ ନିର୍ମାଣାଧିନ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ବିଭିନ୍ନ ଜଳ ଯୋଗାଣ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଏବଂ ସେଗୁଡ଼ିକର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟର ପ୍ରତିଟି ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ଏବଂଏ ଦିଗରେ ହୋଇଥିବା ଅଗ୍ରଗତିକୁ ବିଭାଗୀୟ ସଚିବ ଅନୁଧ୍ୟାନ କରିବା ସହ ବାକି ରହିଥିବା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।




ବୈଠକରେ ସୂଚନା ଅନୁସାରେ ରାଜ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ, ଏକକ ଗ୍ରାମ୍ୟ ପ୍ରକଳ୍ପ (ସିଙ୍ଗଲ୍ ଭିଲେଜ୍ ପ୍ରୋଜେକ୍ଟସ୍) ଏବଂସୌର ଶକ୍ତି ଚାଳିତ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଜଳ ଯୋଗାଣ କାର୍ଯ୍ୟ ଜାରି ରହିଛି । ରାଜ୍ୟରେ ୨୦୭ଟି ମେଗାପାନୀୟ ଜଳପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ସେଥିରୁଅଦ୍ୟାବଧି ୩୦ଟି ସଂପୂର୍ଣ୍ଣହୋଇଛି ଏବଂ ୫୫ଟିମେଗା ପ୍ରକଳ୍ପ୯୦% ରୁଅଧିକସରିଛି । ଆଗାମୀ ୨୦୨୭ ମାର୍ଚ୍ଚ ମାସ ସୁଦ୍ଧାସମସ୍ତ ମେଗା ପାନୀୟ ଜଳ ପ୍ରକଳ୍ପଶେଷ ହେବ ଏବଂ ଏହାଦ୍ୱାରାମୋଟ ୩୨,୨୩୩ଟି ଗ୍ରାମକୁ ପାନୀୟ ଜଳ ସୁବିଧାମିଳିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୧୯,୦୧୭ ଏକକ ଗ୍ରାମ ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮୪୧୧ ପ୍ରକଳ୍ପଏବଂ୮୫୯୯ ସୌରଚାଳିତ ପାଇପ୍ ଯୋଗାଣ ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୬୧୪୬ଟିପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ପ୍ରକଳ୍ପ ଆଗାମୀ ଜୁନ୍ ୨୦୨୬ ସୁଦ୍ଧା ସରିବା ପାଇଁ ଲକ୍ଷ୍ୟ ରହିଛି । ଏସବୁର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି ଏବଂ ଅଳ୍ପ କେତେକ ସମସ୍ୟାର ସମାଧାନ ହେବାପରେ ପାନୀୟ ଜଳଯୋଗାଣ ସମ୍ଭବ ହେବ ।ଗତ ୨ବର୍ଷ ମଧ୍ୟରେ ୨୮,୭୫୦ ଟି ନଳକୂପ ସ୍ଥାପନ କରାଯାଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା ।

ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ସଂପୂର୍ଣ୍ଣ ପାଇଁ ରହୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିୟମିତ ତଦାରଖ ଓ ଯୋଗାଯୋଗ ରଖିବାକୁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କୁ ବୈଠକରେ ସଚିବ ନିର୍ଦ୍ଦେଶଦେଇଛନ୍ତି ।ବୈଠକରେ ବିଭିନ୍ନ ବିଭାଗ ଯଥା ଗ୍ରାମ୍ୟ ଉନ୍ନୟନ, ଜଳ ସଂପଦ, ପୂର୍ତ୍ତ, ଜଙ୍ଗଲ ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶକ୍ତି ବିଭାଗ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସଂପର୍କିତ ବିଭିନ୍ନ ସମସ୍ୟା ଓ ସେସବୁର ସମାଧାନ ପାଇଁ ନିୟମିତ ଯୋଗାଯୋଗ ଓ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ରହୁଥିବା ପ୍ରତିବନ୍ଧକଗୁଡ଼ିକୁ ଶୀଘ୍ରଦୂର କରିପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଓ ସାରିବା ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।

# ସିବିସି ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ରାଜଭାଷା ହିନ୍ଦୀ କର୍ମଶାଳା

ଭୁବନେଶ୍ୱର,୨୪।୪(ମହାଭାରତ): ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆଜି ଏକ 'ରାଜଭାଷା ହିନ୍ଦୀ କର୍ମଶାଳା' ଆୟୋଜିତ ହୋଇଛି ।

ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପିଆଇବି ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର କହିଛନ୍ତି, ରାଜଭାଷା ହିନ୍ଦୀର ପ୍ରସାର ଏକ ସାମୂହିକ ଦାୟିତ୍ୱ । ଏଭଳି କର୍ମଶାଳା ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ଗଣମାଧ୍ୟମ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଭାବ ବିନିମୟ, ସମନ୍ୱୟ ଏବଂ ଚିନ୍ତାଧାରା ଆଦାନପ୍ରଦାନ ପାଇଁ ଏକ ପ୍ରଭାବଶାଳୀ ମଞ୍ଚ ପ୍ରଦାନ କରିଥାଏ । ଏଭଳି କାର୍ଯ୍ୟକ୍ରମ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ ।



ଶ୍ରୀ ମିଶ୍ର କହିଛନ୍ତି, ସାହିତ୍ୟ, ସଙ୍ଗୀତ ଏବଂ ଗଣଯୋଗାଯୋଗ କ୍ଷେତ୍ରରେ ହିନ୍ଦୀ ଭାଷା ତାଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ନିଜ ମାତୃଭାଷା ଓଡ଼ିଆ ପାଇଁ ଗର୍ବ ଅନୁଭବ କରିବା ସହ ସେ ଉଲ୍ଲେଖ କରିଛନ୍ତି ଯେ, ହିନ୍ଦୀ ଭାଷା ଜାତୀୟ ସଂହତି ଏବଂ ଏକତାର ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରେ । ସେ ଅଧିକାରୀମାନଙ୍କୁ ନଥିପତ୍ର, ଚିଠି ଏବଂ ନୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ସମାଜ ବିଜ୍ଞାନ ପ୍ରଫେସର ଡକ୍ଟର ତପନ ରଞ୍ଜନ ମହାନ୍ତି କହିଥିଲେ, ଭାଷା ହେଉଛି ସାମାଜିକ ଯୋଗାଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ସେ ମତ ଦେଇଛନ୍ତି ଯେ, ଦେଶର ବିଭିନ୍ନ ଭାଷାଭାଷୀ ଲୋକଙ୍କୁ ଯୋଡ଼ିବାରେ ଏବଂ ଶିକ୍ଷା, ନିଯୁକ୍ତି ତଥା ସାଧାରଣ ଜୀବନରେ ଯୋଗାଯୋଗକୁ ସହଜ କରିବାରେ ହିନ୍ଦୀ ଏକ ସଂଯୋଗକାରୀ ଭାଷା ଭାବରେ କାର୍ଯ୍ୟ କରୁଛି । ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଡକ୍ଟର ନଳିନୀ କୁମାର ପାତ୍ର ଜନସମ୍ପର୍କ ଏବଂ ପ୍ରଭାବଶାଳୀ ପ୍ରଶାସନ କ୍ଷେତ୍ରରେ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଯେତେବେଳେ ଭାଷା ସରଳ, ସ୍ପଷ୍ଟ ଏବଂ ବ୍ୟାବହାରିକ ଭାବରେ ଲୋକଙ୍କ ସହ ଯୋଡ଼ିହୁଏ, ସେତେବେଳେ ଏହା ସାର୍ଥକ ହୋଇଥାଏ ।

# ପୁଣି ପୋସ୍କୋ

ପ୍ରାୟ ୧୦ ବର୍ଷ ବ୍ୟବଧାନରେ ଓଡ଼ିଶାକୁ ପୁଣି ଫେରିଛି ପୋସ୍କୋ। ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ଅବସରରେ ଏଥିଲାଗି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣା ଅନୁଯାୟୀ ପୋସ୍କୋ ଓଡ଼ିଶାରେ ଜିନ୍ଦଲ ସହ ମିଶି ଏକ ୬ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କରିବ। ଏଥିଲାଗି ସ୍ଥାନ ଚୂଡ଼ାନ୍ତ ହୋଇନାହିଁ। ସମ୍ଭବତଃ ଢେଙ୍କାନାଳରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହୋଇପାରେ। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ନିକଟରେ ଜିନ୍ଦଲ ଯେଉଁ ଜମି ଅଧିଗ୍ରହଣ କରିଛି ସେଠାରେ ଏହି ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହୋଇପାରେ ବୋଲି କୁହାଯାଉଛି। ଏହିଠାରେ ପୋସ୍କୋ ୧୨ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପ୍ରତିôଠା କରିବାର ଥିଲା। ଏଥିପାଇଁ ଜମି ଅଧିଗ୍ରହଣ ମଧ୍ୟ ହୋଇଥିଲା। କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକୀୟ ଅନୁମତି ମଧ୍ୟ ମିଳିଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏହି ପ୍ରକଳ୍ପ ନିମନ୍ତେ ବିଶେଷ ଆଗ୍ରହୀ ଥିଲେ। ପୋସ୍କୋ ପ୍ରକଳ୍ପକୁ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ ପ୍ରତିଷ୍ଠା କରାଯାଇଥିଲା ଏବଂ ପୋସ୍କୋ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ନିୟମିତ ଅନୁଧ୍ୟାନ କରିବାକୁ ଏହା ଗଠିତ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ମନମୋହନଙ୍କର ଏହା ଡ୍ରିମ ପ୍ରୋଜେକ୍ଟ ହୋଇଥିଲେ ମଧ୍ୟ କଂଗ୍ରେସ ନେତାମାନେ ଓଡ଼ିଶାରେ ଏହାକୁ ବିରୋଧ କରି ଜମି ଅଧିଗ୍ରହଣକୁ ବିଳମ୍ବିତ କରିଥିଲେ। ମନମୋନ ସରକାରରେ ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଜୟରାମ ରମେଶ ଏହାକୁ ମଞ୍ଜୁରୀ ପ୍ରଦାନରେ ହେଳା କରିଥିଲେ ଏବଂ ଏଥିପାଇଁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଥିଲା ଏବଂ ଶେଷରେ ଏହା ବନ୍ଦ ହୋଇଗଲା। ଯଦି ମନମୋହନଙ୍କ ସ୍ଥାନରେ ସୋନିଆ କିମ୍ବା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ହୋଇଥାଆନ୍ତେ ତେବେ କଂଗ୍ରେସ ନେତାଙ୍କର ଏହି ପ୍ରକଳ୍ପକୁ ବିରୋଧ କରିବାର ସାହସ ନଥାଆନ୍ତା। ସେଥିଲାଗି ମନମୋହନ ସିଂହ ଜଣେ ଜ୍ଞାନୀ, ଗୁଣୀ ବ୍ୟକ୍ତି ହେଲେ ମଧ୍ୟ ଜଣେ ମେରୁଦଣ୍ଡବିହୀନ, ଦୁର୍ବଳ ପ୍ରଧାନମନ୍ତ୍ରୀ ଥିଲେ ଏବଂ ବାସ୍ତବ କ୍ଷମତା ଗାନ୍ଧି ପରିବାର ହାତରେ ଥିଲା ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଯେଉଁଠି ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି ପ୍ରକଳ୍ପ ହେଉ ବୋଲି, ସେଠାରେ ତାଙ୍କର ଜଣେ ମନ୍ତ୍ରୀ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ସାହସ କରିପାରିଲେ ଏହା ଅବିଶ୍ୱସନୀୟ ହେଲେ ମଧ୍ୟ ସତ୍ୟ। ପୋସ୍କୋ ପାରାଦ୍ୱୀପ ନିକଟରେ ଯେଉଁ ଇସ୍ପାତ ପ୍ରକଳ୍ପ ପ୍ରତିôଠା କରିବାକୁ ଯୋଜନା କରିଥିଲା, ତାହା ସମ୍ପୂର୍ଣ୍ଣ ଭାବେ ରପ୍ତାନୀ ଭିତ୍ତିକ ହୋଇଥା'ନ୍ତା। ଏଥିଲାଗି ବିଦେଶରୁ କଞ୍ଚାମାଲ ଏବଂ କୋଇଲା ଆସିବାର ଥିଲା। ଏଥିଲାଗି ପୋସ୍କୋ ସ୍ୱାପିଂ ବ୍ୟବସ୍ଥା କରିବାକୁ ଯୋଜନା କରିଥିଲେ। କିନ୍ତୁ ଏହାକୁ ଅନେକ ରାଜନୈତିକ ଦଳାଲ ବିରୋଧ କରିଥିଲେ। ସେମାନେ ସ୍ଥାନୀୟ ଲୋକଙ୍କୁ ଉସୁକାଇ ପୋସ୍କୋର ଜମି ଅଧିଗ୍ରହଣ ବିରୋଧରେ ଆନ୍ଦୋଳନ କରିଥିଲେ। ତତ୍କାଳୀନ ଶାସକ ଦଳ ବିଜେଡିର କିଛି ନେତା ମଧ୍ୟ ଏହାକୁ ବିରୋଧ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଦି ବ୍ୟକ୍ତିଗତଭାବେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିଷ୍ଠାପର ଉଦ୍ୟମ କରିଥାଆନ୍ତେ ତେବେ ଏହା ନିଶ୍ଚିତ ଭାବେ ସଫଳ ହୋଇଥାଆନ୍ତା ଏବଂ ଏତେବେଳକୁ ଉତ୍ପାଦନ ଆରମ୍ଭ ହୋଇ ଥାଆନ୍ତା। କିନ୍ତୁ ସ୍ଥାନୀୟ ଲୋକଙ୍କର ବିରୋଧ ଏବଂ ରାଜନୈତିକ ଖେଳ ଯୋଗୁ ଏହା ସମ୍ଭବ ହେଲା ନାହିଁ। ଉଭୟ ନବୀନ ଏବଂ ମନମୋହନଙ୍କ ଦୁର୍ବଳତା ଓ ନିଷ୍କ୍ରିୟତାରୁ ଏହି ପ୍ରକଳ୍ପ ସମ୍ଭବ ହୋଇପାରିଲା ନାହିଁ ଏବଂ ଶେଷରେ ପୋସ୍କୋ ଓଡ଼ିଶା ଛାଡ଼ି ଚାଲିଗଲା। ଏହା ଦ୍ୱାରା ଓଡ଼ିଶାର ଲାଭ ହେଲା କି କ୍ଷତି ହେଲା ତାହା କୁହାଯାଇପାରିବ ନାହିଁ। ହୁଏତ ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଲାଭ ପରିବର୍ତ୍ତେ କ୍ଷତି ଅଧିକ ହୋଇଥାଆନ୍ତା। କିନ୍ତୁ ଯେପରି ଭାବେ ଏହି ପ୍ରକଳ୍ପକୁ ବିରୋଧ କରାଯାଇ ଓଡ଼ିଶାରେ ଏକ ବଡ଼ ପୁଞ୍ଜିନିବେଶ ପ୍ରସ୍ତାବକୁ ରୋକାଗଲା ତାହା ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏହା ଆମ ଶିଳ୍ପ ବିରୋଧୀ ଏବଂ ସ୍ୱାର୍ଥପର ମାନସିକତାକୁ ପ୍ରମାଣିତ କରୁଛି। ଏଥିପାଇଁ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛରେ ପଡ଼ିଛି। ଯିଏ ଓଡ଼ିଶାରେ ଏତେ ବଡ଼ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଆସିବ, ସିଏ ନିଜର ଲାଭ ପ୍ରତି ମଧ୍ୟ ଦୃଷ୍ଟି ଦେବ। ଓଡ଼ିଶାର ସ୍ୱାର୍ଥ ରକ୍ଷା, ଓଡ଼ିଆଙ୍କୁ ନିଯୁକ୍ତି କେବଳ ଏହାର ଲକ୍ଷ୍ୟ ହୋଇପାରିବ ନାହିଁ। ପୋସ୍କୋ ପ୍ରତିଷ୍ଠା ହୋଇଥିଲେ ଓଡ଼ିଶା ସରକାର ବିପୁଳ ରାଜସ୍ୱ ପାଇଥାଆନ୍ତେ। ଏଥିରେ ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇଥାଆନ୍ତା। ସ୍ଥାନୀୟ ଲୋକଙ୍କ ମଧ୍ୟରୁ କିଛି ବ୍ୟକ୍ତି ଏଥିରେ ନିଯୁକ୍ତି ପାଇପାରିଥାଆନ୍ତେ। ସମଗ୍ର ପାରାଦ୍ୱୀପ ଅଞ୍ଚଳ ଏକ ବିକଶିତ ଅଞ୍ଚଳ ହୋଇ ପାରିଥାଆନ୍ତା। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ଏହା ସମ୍ଭବ ହେଲା ନାହିଁ। ଏବେ ପୁନର୍ବାର ଓଡ଼ିଶାକୁ ମୁହାଁଇଛି ପୋସ୍କୋ। କାରଣ ଓଡ଼ିଶାରେ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ସବୁ କିଛି ଅନୁକୂଳ ରହିଛି। ପ୍ରଚୁର କଞ୍ଚାମାଲ, ପାଣି, ଇନ୍ଧନ ଏବଂ ଜମି ରହିଛି। ଏହାର ଉପଯୋଗ କରାଯାଇପାରିଲେ ଓଡ଼ିଶା ବିଶ୍ୱରେ ଇସ୍ପାତ ଶିଳ୍ପର ରାଜଧାନୀ ହୋଇପାରିବ। ଯଦି ଗୁଜରାଟରେ ଏହା ଥାଆନ୍ତା ତେବେ ସେମାନେ କିପରି ଏହାର ଉପଯୋଗ କରିଥାଆନ୍ତେ ତାହା ଓଡ଼ିଶାବାସୀ ଦେଖିବାର ଥିଲା। ଏବେ ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପ ପୂର୍ବ ପରିକଳ୍ପିତ ପ୍ରକଳ୍ପ ତୁଳନାରେ ଅପେକ୍ଷାକୃତ ଛୋଟ ହେବ। ତଥାପି ୬ ନିୟୁତ ଟନ ଉତ୍ପାଦନ କ୍ଷମତାର ପ୍ରକଳ୍ପ ପ୍ରତିଷ୍ଠା କିଛି କମ କଥା ନୁହେଁ। ଏଥର ପୋସ୍କୋ ସହିତ ଜିନ୍ଦଲ ହାତ ମିଳାଇଥିବାରୁ ଆଶା କରାଯାଉଛି ଆଉ କିଛି ଅସୁବିଧା ହେବ ନାହିଁ। କାରଣ ଜିନ୍ଦଲ ଜାଣିଛି କେମିତି ଶୀଘ୍ର ସବୁ ଅନୁମୋଦନ ଅଣାଯାଇପାରିବ ଏବଂ ଆନ୍ଦୋଳନକାରୀଙ୍କୁ ରୋକାଯାଇପାରିବ। ପୋସ୍କୋ ପାଇଁ ଜମି ପୂର୍ବରୁ ଅଧିଗ୍ରହଣ ହୋଇସାରିଛି। ତେଣୁ କିଛି ଅସୁବିଧା ହେବ ନାହିଁ ବୋଲି ଆଶା। ଶୁଭସ୍ୟ ଶୀଘ୍ରମ। ଯଦି ଏହି ପ୍ରକଳ୍ପ ପ୍ରତିଷ୍ଠା ହେବାର ଅଛି, ତେବେ ଏହା ଶୀଘ୍ର ହେବାର ଅଛି। ବର୍ଷ ବର୍ଷ ଧରି ଗୋଟିଏ କାମ ଲାଗି ରହିବ, ଏହା ଦେଶର ସ୍ୱାର୍ଥ ପାଇଁ ସ୍ୱାଗତଯୋଗ୍ୟ ନୁହେଁ।

# ସନ୍ଥ ବିଭୂତି - ସ୍ୱାମୀ ଚିଦାନନ୍ଦ

**ହେମନ୍ତ କୁମାର ପରିଡ଼ା**

ଆଧ୍ୟାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ଜ୍ୟୋତିଷ୍କ ହେଉଛନ୍ତି ସଦ୍‌ଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ । ଜନ୍ମବେଳୁ ତାଙ୍କ ଭିତରେ ଅନେକ ବିଲକ୍ଷଣତା ପ୍ରକାଶ ପାଇଥିଲା । ଛାତ୍ର ଜୀବନରେ ସେ ଥିଲେ ଅତ୍ୟନ୍ତ ମେଧାବୀ ଓ ପ୍ରତ୍ୟୁତ୍ପନ୍ନମତି । ପରିବାର ଠାରୁ ଆରମ୍ଭ କରି ପ୍ରିୟପରିଜନ ସମସ୍ତେ ତାଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ । ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମାପ୍ତି ପରେ ସେ ମାଡ୍ରାସର ପ୍ରସିଦ୍ଧ ଲୟେଲା କଲେଜରେ ପ୍ରବେଶ କରିଥିଲେ ଏବଂ ସମ୍ମାନର ସହ ସ୍ନାତକ ଉପାଧି ଲାଭ କରିଥିଲେ । ଲୟେଲା ମିଶନାରୀ ମାନଙ୍କ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟ ହୋଇଥିବାରୁ ତାହାର ବାତାବରଣ ମୁଖ୍ୟତଃ ଖ୍ରୀଷ୍ଟଧର୍ମ ଅନୁରାଗୀ ଥିଲା । ସେଠାରେ ତାଙ୍କୁ ଖ୍ରୀଷ୍ଟଧର୍ମର ଗଭୀର ତତ୍ତ୍ୱ ସମ୍ବନ୍ଧରେ ଜାଣିବାକୁ ସୁଯୋଗ ମିଳିଥିଲା । ସେ ହିନ୍ଦୁ ଥିଲେ ବି ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖୁଥିଲେ । ବେଦ, ଉପନିଷଦ, ଗୀତା ଭଳି ବାଇବେଲ, କୋରାନ ଆଦି ଅନ୍ୟ ଧର୍ମ ଓ ମତ ପନ୍ଥର ପବିତ୍ର ଧର୍ମଗ୍ରନ୍ଥ ଗୁଡ଼ିକୁ ସେ ସମାନ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ସେବା ପ୍ରେମ ତାଙ୍କ ଜୀବନର ସ୍ୱଭାବ ଥିଲା । କୁଷ୍ଠରୋଗୀମାନଙ୍କ ସେବାକୁ ସେ ସତେ ଅବା ବ୍ରତ ଭାବେ ଗ୍ରହଣ କରି ନେଇଥିଲେ । ଛାତ୍ରଥିଲାବେଳେ ତାଙ୍କ ଘରର କଡ଼େ କଡ଼େ ଝୁମ୍ପୁଡ଼ି ତିଆରି କରି କୁଷ୍ଠରୋଗୀମାନଙ୍କୁ ଦେବତା ଜ୍ଞାନରେ ସେବା କରୁଥିଲେ । ବିଶେଷ ଦିନମାନଙ୍କରେ ସେମାନଙ୍କୁ ପୂଜା ମଧ୍ୟ କରୁଥିଲେ । ଛାତ୍ରାବସ୍ଥାରେ ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ସହ ପତ୍ର ମାଧ୍ୟମରେ ସମ୍ପର୍କ ସ୍ଥାପନ କରିଥିଲେ । ପିଲାଟି ଦିନରୁ ତାଙ୍କ ଭିତରେ ସାଧୁ ହେବାର ଭାବନା ବଳବତ୍ତର ଥିଲା । ହିମାଳୟ ଗଙ୍ଗାମା'ଙ୍କ ପ୍ରତି ଗଭୀର ଅନୁରାଗ ଥିଲା । ତପସ୍ୟା କରି ସିଦ୍ଧିଲାଭ କରିବା ପାଇଁ ମନ ବ୍ୟାକୁଳ ହେଉଥିଲା । ତାଙ୍କର ଏହି ସ୍ୱଭାବ ଦେଖି ପ୍ରିୟଜନମାନେ ତାଙ୍କୁ ସିଦ୍ଧ ବୋଲି ସମ୍ବୋଧନ କରୁଥିଲେ । ୧୯୪୩ ମସିହାରେ ସନ୍ନ୍ୟାସୀ ହେବାର ତୀବ୍ର ବୈରାଗ୍ୟ ନେଇ ଗୃହତ୍ୟାଗ କରି ହିମାଳୟ ଚାଲି ଆସିଲେ । ସ୍ୱାମୀ ଶିବାନନ୍ଦଙ୍କ ପାଦ ତଳେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି ସନ ୧୯୪୯ ମସିହାରେ ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସନ୍ନ୍ୟାସ ଗ୍ରହଣ କରିଥିଲେ । ସ୍ୱାମୀ ଶିବାନନ୍ଦ ତାଙ୍କୁ ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ କରିବା ସହିତ ନାମ ରଖିଥିଲେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ । ଏହି ନାମର ଅର୍ଥ ହେଉଛି ସର୍ବୋଚ୍ଚ ଚେତନା ତଥା ପରମାନନ୍ଦ ସ୍ଥିତି । ଏହି ନାମରେ ସେ ବିଶ୍ୱବିଦିତ ହେଲେ । ସତରେ ନାମ, ଗୁଣ, ଆତ୍ମା ଓ ସ୍ଥିତିର ଯଥାର୍ଥ ପ୍ରତି ହେଉଛନ୍ତି ସ୍ୱାମୀ ଚିଦାନନ୍ଦଜୀ ମହାରାଜ । ଶିବାନନ୍ଦ ଆଶ୍ରମରେ ଯୋଗଦେବା ପରେ ପରେ ଆଶ୍ରମ ପରିଚାଳିତ ଶିବାନନ୍ଦ ଦାତବ୍ୟ ଚିକିତ୍ସାଳୟରେ ତାଙ୍କୁ ସେବା କରିବାର ସୁଯୋଗ ମିଳିଲା । ତାଙ୍କର ସେବା ଭାବ ଓ ମଧୁର ବ୍ୟବହାର ଯୋଗୁଁ ଧୀରେ ଧୀରେ ଚିକିତ୍ସାଳୟରେ ରୋଗୀମାନଙ୍କ ସଂଖ୍ୟା ଅସମ୍ଭବ ଭାବେ ବଢ଼ିବାକୁ ଲାଗିଲା । ସନ୍ନ୍ୟାସ ନେବା ପୂର୍ବରୁ ଲୋକମାନେ ସ୍ୱାମୀ ଚିଦାନନ୍ଦଙ୍କୁ ରାଓ ସ୍ୱାମିଜୀ ବୋଲି ସମ୍ବୋଧନ କରୁଥିଲେ । ଲୋକଙ୍କ ଭିତରେ ଧାରଣା ହୋଇଥିଲା ସ୍ୱାମିଜୀଙ୍କ ହାତରେ ଯାଦୁ ଅଛି । ସେ ଟିକେ ଛୁଇଁଦେଲେ ରୋଗ ଉପଶମ ହୋଇଯିବ । ସ୍ୱାମିଜୀଙ୍କ ଉପସ୍ଥିତିରେ ଆଶ୍ରମ ପରିବେଶ ଏକ ନୂତନ ସ୍ପନ୍ଦନରେ ସ୍ପନ୍ଦିତ ହେବାକୁ ଲାଗିଲା । ସତ୍‌ସଙ୍ଗ ହେଉ ଉପାସନା ସ୍ଥଳୀ ହେଉ ଅଥବା ସେବା କ୍ଷେତ୍ର ସବୁଠାରେ ତାଙ୍କ ଉପସ୍ଥିତି ଓ କର୍ମ କୁଶଳତା ଅନୁଭୂତ ହେଲା । ଅଳ୍ପଦିନ ଭିତରେ ଗୁରୁଦେବ ଶିବାନନ୍ଦ ମହାରାଜ ତାଙ୍କୁ ଦିବ୍ୟଜୀବନ ସଂଘର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କଲେ । ସ୍ୱାମିଜୀଙ୍କ ଦ୍ୱାରା ଦିବ୍ୟଜୀବନ ସଂଘର ଭାବଧାରା ବିଶ୍ୱର କୋଣେ କୋଣେ ବ୍ୟାପି ଯାଇଥିଲା । ଏବେ ଦିବ୍ୟ ଜୀବନ ସଂଘ ବିଶାଳ କାୟା ବିସ୍ତାର କରି ସାରା ପୃଥିବୀରେ ପରିବ୍ୟାପ୍ତ ହୋଇଛି । ସନ୍ ୧୯୬୩ ମସିହାରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ମହାପ୍ରୟାଣ ହେଲା । ସେବେଠାରୁ ସର୍ବ ସମ୍ମତି କ୍ରମେ ପୂଜ୍ୟ ସ୍ୱାମିଜୀଙ୍କୁ ଦିବ୍ୟଜୀବନ ସଂଘର ପରମାଧ୍ୟକ୍ଷଭାବେ ଚୟନ କରାଗଲା । ଜୀବନର ଶେଷ ନିଃଶ୍ୱାସ ଯାଏ ସେ ସେହି ଗୁରୁ ଭାର ବହନ କରି ତାହା ସୂଚାରୁ ରୂପେ ସମ୍ପାଦନ କରି ଆସିଥିଲେ ।

ସ୍ୱାମୀ ଶିବାନନ୍ଦ ଥିଲେ ଅସମ୍ଭବ ଅନ୍ତର୍ଦୃଷ୍ଟି ସମ୍ପନ୍ନ ମହାପୁରୁଷ । ଥରେ କଥା ପ୍ରସଙ୍ଗରେ କହିଥିଲେ ଚିଦାନନ୍ଦଜୀ ଜଣେ ମହାନ୍ ଜୀବନ୍ମୁକ୍ତ ଯୋଗୀ । ଏହା ତାଙ୍କର ଶେଷ ଜନ୍ମ । ଏକଦା ଶିବାନନ୍ଦ ଆଶ୍ରମରେ ତାଙ୍କର ଜନ୍ମଉତ୍ସବ ପାଳନ କରି କହିଥିଲେ ଚିଦାନନ୍ଦ ଜଣେ ଜୀବନ୍ମୁକ୍ତ । ସେ ମୋର ଗୁରୁ ହେବା କଥା ହେଲେ କୌଣସି ପ୍ରାରବ୍ଧ କାରଣରୁ ଏବେ ମୁଁ ତାଙ୍କର ଗୁରୁ ହୋଇଛି । ସତରେ ସ୍ୱାମୀ ଚିଦାନନ୍ଦଜୀଙ୍କ ଭଳି ସନ୍ଥ ବିରଳ । ସେବା ପ୍ରେମ ଓ କରୁଣାର ସେ ଘନ ବିଗ୍ରହ । ତାଙ୍କର ହୃଦୟବତ୍ତା କେବଳ ମାନବ ସମାଜ ନୁହେଁ ଏପରିକି ମାନବେତର ଜୀବଜନ୍ତୁ ପଶୁପକ୍ଷୀ କୀଟପତଙ୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ସ୍ୱାମୀ ଚିନ୍ମୟାନନ୍ଦଜୀ ମହାରାଜ ଥରେ ତାଙ୍କ ଗୀତାଜ୍ଞାନଯଜ୍ଞରେ ଶ୍ରୀମଦ୍‌ଭଗବତ ଗୀତାର ସ୍ଥିତପ୍ରଜ୍ଞ ଲକ୍ଷଣ ବିଷୟରେ ବୁଝାଉଥିଲେ । ଜଣେ ପ୍ରଫେସର ପଚାରିଲେ ଆଜ୍ଞା ! ଏହିଭଳି ଲୋକ କ'ଣ ପୃଥିବୀରେ ସମ୍ଭବ ? ଚିନ୍ମୟାନନ୍ଦଜୀ ତତ୍‌କ୍ଷଣାତ୍ କହିଲେ - ହଁ ହଁ ଏଭଳି ମହାପୁରୁଷ ଏବେ ବି ଅଛନ୍ତି । ଋଷିକେଶ ଶିବାନନ୍ଦ ଆଶ୍ରମରେ ଅବସ୍ଥାନ କରୁଛନ୍ତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ । ଆପଣମାନେ ତାଙ୍କୁ ଦର୍ଶନ କରିପାରିବେ । ସ୍ୱାମିଜୀ ମହାରାଜଙ୍କ ହୃଦୟବତ୍ତାର ତୁଳନା ନାହିଁ । ସର୍ବତ୍ର ସେ ଏକ ବ୍ରହ୍ମଙ୍କୁ ହିଁ ଦର୍ଶନ କରୁଥିଲେ । କୀଟପତଙ୍ଗ ତରୁ ତୃଣ ସର୍ବତ୍ର ଏକ ବ୍ରହ୍ମ ବିଦ୍ୟମାନ । ଏହା ତାଙ୍କ ଜୀବନର ଆଚରଣ ଓ ଉଚ୍ଚାରଣରେ ନିତ୍ୟ ପ୍ରତିଫଳିତ ହେଉଥିଲା । ଏଭଳି ମହାତ୍ମା ଦୁର୍ଲଭ । ସେ ସନ୍ଥ ମହାତ୍ମା ମାନଙ୍କ ଭିତରେ ଏକ ବିଭୂତି । ଭାରତର ଦକ୍ଷିଣରୁ ଉଠିଥିବା ଦିବ୍ୟ ପ୍ରକାଶ ଆପଣା ଦିବ୍ୟତାରେ ସାରା ବିଶ୍ୱକୁ ଉଦ୍‌ଭାସିତ କରି ହିମାଦ୍ରୀର ହିମ ପ୍ରବାହରେ ଅସ୍ତମିତ ହୋଇଗଲେ । ଶ୍ରୀଧରର ଚଦାନନ୍ଦମୟ ଶ୍ରୀଅଙ୍ଗକୁ ମା'ଗଙ୍ଗା ଧାରଣ କରି ଧନ୍ୟ ମନେ କଲେ । ପ୍ରସମିତ ହେଲା ସ୍ୱାମୀ ଚିଦାନନ୍ଦଙ୍କର ପାର୍ଥିବ ଶରୀର ହେଲେ ଚିଦାନନ୍ଦମୟ ଚିନ୍ମୟ ସତ୍ତା ପ୍ରକାଶିତ ହୋଇ ଏବେ ବି ଅଗଣିତ ମୁମୁକ୍ଷୁ ଜିଜ୍ଞାସୁଙ୍କୁ ଦିବ୍ୟ ଜୀବନ ଲାଭ ପାଇଁ ଆହ୍ୱାନ ଦେଉଛି ଏବଂ ଦେଉଥିବ । ଏହି ମହାନ ସନ୍ଥଙ୍କ ଜୀବନଗାଥା ଅନୁଧ୍ୟାନ କରି ମନରେ ଆସୁଛି ସମହାତ୍ମା ସୁଦୁର୍ଲଭ ।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦,
ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

# ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା। ସମ୍ପୂର୍ଣ୍ଣ ବାରଣ କରି ଗୁରୁମାନେ ଶିଷ୍ୟଙ୍କୁ ଉଦ୍ଧାର ପାଇଁ ନିଜକୁ ବହୁ ସଂସାର ଅଳୀକ ବସ୍ତୁରେ ଜଡ଼ିତ ନ ହେବାପାଇଁ ତାଙ୍କ ଜୀବନର ସିଦ୍ଧ ଆଶୁ ଫଳପ୍ରଦ ବିଦ୍ୟା ଅନେକ ତଥ୍ୟ। ପୂର୍ଣ୍ଣ ତତ୍ତ୍ୱ ଶିକ୍ଷା କହିଥାନ୍ତି କାଳେ ଶିଷ୍ୟ ଗୁରୁଙ୍କ ଅପ୍ରକଟ ପରେ ଭୁଲିଯିବ ସେ ତତ୍ତ୍ୱ ଗୁଡ଼ିକୁ ଭିନ୍ନ ନଜିର ମଧ୍ୟରେ ରଙ୍ଗଦେଇ ଲେଖି ରଖିବାକୁ କହିଥାନ୍ତି। ଆବାହମାନ କାଳରୁ କଥିତ ଓ ଲିଖିତ ଭାଷା ସମ୍ବନ୍ଧର ସଂସ୍କାର, ସଂଶୋଧନ, ଶୋଧ ହୋଇ ଚାଲୁଛି। ଆଜି ଯେପରି ଡଟ କଲମ କାଗଜରେ ସ୍ୱଳ୍ପ ସମୟରେ ଏକଲେଖା ଲେଖି ଦିଆଯାଉଛି ସେପରି ଲେଖା ପୂର୍ବେ ସ୍ୱପ୍ନ ଥିଲା। ଏକ ପାଣ୍ଡୁଲିପି ଛପାଖାନାରେ ଅଳ୍ପ ସମୟରେ ଯେପରି ଛପା ଯାଉଛି ଏହାମଧ୍ୟ ସାତସ୍ୱପ୍ନ ଥିଲା ଲେଖକ ତାଳପତ୍ରକୁ ପାଗ କରି ସାଇଜରେ କାଟି ଠିକ ପତ୍ରରେ ମଧ୍ୟ କଣା କରି ପତ୍ରକୁ ପତ୍ରସୂତା ଡୋରିରେ ଗୁନ୍ଥି ଦୁଇ କାଠପଟା ମଧ୍ୟରେ ସାଇଜ କରି ରଖିଲା ପରେ ପୋଥି ଲେଖା ଆରମ୍ଭ କରୁଥିଲେ। ଏଥିପାଇଁ ଆରମ୍ଭକୁ ଶୁଭ ସମୟଲଗ୍ନ ଧରି କରାଯାଉଥିଲା। ଏ ସମୟର ନୋଟ ଖାତା ତୁଲ୍ୟ ସେ ପୋଥିରେ ଗୁରୁମୁଖ ବାଣୀ ଲିପିବଦ୍ଧ କରାଯାଉଥିଲା ବା କେହି ତାଙ୍କର ସାଧନା ଲବ୍ଧଜ୍ଞାନ ଲେଖୁଥିଲେ। ବିନା ଆଶ୍ରୟରେ, ଛାୟାରେ କୌଣସି ଲେଖା କେହି ଲେଖିବା ସମ୍ଭବ ନୁହେଁ।

ସେତେବେଳେ କୌଣସି ଭାଷାର ଲିପି ବର୍ତ୍ତମାନ ଲିପି ପରି ଏପରି ସଂସ୍କାରିତ ନଥିଲା। ଆମ ଓଡ଼ିଆ ଭାଷାରେ ବହୁକାଳ ପୂର୍ବରୁ କରଣୀ ଭାଷାରେ ଲେଖା ଯାଉଥିଲା ଯାହାକୁ ଏ ସମୟର ପାଠକମାନେ ପଢ଼ିବା ମୁସ୍କିଲ। ଗ୍ରାମ୍ୟ ଅବଧାନମାନେ ଚାହାଳୀ କରି ବା କାହାରି ପିଲାଙ୍କୁ ପାଢ଼ାଲେଖା ଶିକ୍ଷା ଦେଉଥିଲେ, କୁହାଯାଉଥିଲା 'ହରଗୁଣଫେଡ଼ମିଶା ଆଉସବୁ ଫସର ଫସା' ପୁଣି ପ୍ରାଚୀନ କାବ୍ୟରୁ କିଛି ଘୋଷାଇ ଓଡ଼ିଆ ଜଗନ୍ନାଥ ଦାଶଙ୍କ ଭାଗବତ ବୋଲାଇ କିଛି ଲେଖାଇ ଭାଷା ସାହିତ୍ୟ ଶେଷ କରାଉଥିଲେ। ଅଙ୍କରେ ନଳଭଙ୍ଗା, ପାହିଅଣା, କଡ଼ାଗଣ୍ଡା ଶୋଧୀ, ଓଡ଼ାଙ୍କ ଫେଡ଼ାଙ୍କ ଆଦି ଶିକ୍ଷା ଦେବାସହ ମୁହେଁ ମୁହେଁ ହିସାବ କହିବାକୁ ପଡୁଥିଲା ପ୍ରଖର ସ୍ମରଣ ଶକ୍ତିର ସାଧନାରେ ବ୍ରତୀ କରାଯାଉଥିଲା। ଏହିଯୁଗର ବହୁ ପୂର୍ବରୁ ଶିକ୍ଷାକୁ ଏତେ ବ୍ୟାପକ କରାଯାଇ ନଥିଲା। କାଁ ଭାଁ କେଉଁ ଗ୍ରାମରେ ଜଣେ ଦୁଇଜଣ ସମ୍ଭ୍ରାନ୍ତଙ୍କ ଘରେ ଲେଖିପଢ଼ି ଶିଖିଥିଲେ। କେବଳ ଅବଧାନମାନେ ବଂଶାନୁକ୍ରମେ ତାଳପତ୍ର ଜନ୍ମ ଜାତକ ପ୍ରସ୍ତୁତ ବିବାହ ଲଗ୍ନ ପତ୍ର ଲେଖା ପାଇଁ ଅଧ୍ୟୟନ କରୁଥିଲେ। ଖଡ଼ିରତ୍ନ ପରମ୍ପରାରେ ଗ୍ରହଗଣତି କରି ଯୁଗାଦି, ସୃଷ୍ଟ୍ୟାଦି ବା ଏକ ଧାର୍ଯ୍ୟ ବର୍ଷରୁ ଆଗକୁ ଦିନ ଗଣନାରେ ଗ୍ରହ ସ୍ଥିତି ଏକ ସ୍ଥିର ନିୟମରେ କରି ତିଥି ବାର ନକ୍ଷତ୍ର ଯୋଗ କରଣ ଏମିତି ପାଞ୍ଚ ଅଙ୍ଗରେ ପଞ୍ଜାଙ୍ଗ ପ୍ରସ୍ତୁତ କରି ଧର୍ମପ୍ରାଣ ଜନତାଙ୍କ ବିହିତ ପାଳନ ପାଇଁ ତାଳପତ୍ର ପୋଥି ପଞ୍ଜିକା କରୁଥିଲେ। ଚୌପଦୀ, ଅଷ୍ଟପଦୀ ବା ଅଷ୍ଟକ ପରି, ଚଉତିଶା ରଚନାମାନ ପୂର୍ବକାଳ ପଦ୍ୟ ସାହିତ୍ୟଲେଖାକୁ, କାବ୍ୟ ରାଗରେ ଶ୍ଳୋକ ଛନ୍ଦରେ ଲେଖା ଯାଉଥିଲା ପ୍ରବଳ ଶବ୍ଦ ଭାଷା ଜ୍ଞାନ ନହେଲେ ପୁଣି ନିର୍ଭୁଲ ସ୍ମରଣ ନ ହେଲେ ତାଳ ପତ୍ରଟି ଭାବ ବ୍ୟଞ୍ଜକ ନହୋଇ ଲେଖା ଉଦ୍ଦେଶ୍ୟ ପଣ୍ଡ କରିପାରେ ଏ ପାଇଁ ସ୍ଥିର ମତିରେ ପୋଥି ଲେଖାଯାଏ। ପଦ୍ୟରେ ଯତିପାତକୁ ଦୁଇପଦ ସମାନ ଅକ୍ଷର ବିଶିଷ୍ଟ ଧରାଯାଏ, ହେଲେ ଦାଣ୍ଡି ପଦ୍ଧତିରେ ଏକ ପଦରେ ଦୁଇପଦରେ ଅକ୍ଷର ସମାନ ନଥାଏ।

ଏମିତି ମାଳମାଳ ଲୋକ ସାବଧାନୀ ଶିକ୍ଷା ହେଉଛି ମାଳିକା। ବ୍ୟାସଦେବ ଗଣେ ଶିଷ୍ୟ ବସାଇ ନିଜେ ଗଣପତି ଗୁରୁହୋଇ ପୁରାଣ ସ୍ୱ ବୟାନକୁ ଲିପିବଦ୍ଧ ପ୍ରଥମେ ତାଳପତ୍ରରେ କରାଇଥିଲେ। ଯାହା ଏ ସମୟରେ ବହି ବାଣିଜ୍ୟରେ ଆସିଯାଇଛି। ସେମିତିକା ଭବିଷ୍ୟତ ସାବଧାନୀ ସତର୍କ ଶାସ୍ତ୍ର ମାଳିକା ଯାହା ବିଭିନ୍ନ ସ୍ଥାନ ବିଭିନ୍ନ ସମ୍ପ୍ରଦାୟ ପାଇଁ ଭିନ୍ନ ସମୟ ପାଇଁ ଉଦ୍ଦିଷ୍ଟ ତାକୁ ପ୍ରକାଶ ସାର୍ବଜନୀନ ମନାକୁ ସମୟାତୀତକୁ ଅନେକ ପିଢ଼ି ପରେ ଗୁରୁ ବାରଣ କଣ ଥିଲା କାହିଁକି ଥିଲା ନଜାଣି ହଇଚଇ ପାଇଁ ଛପାବହି ଯୋଗ ଆଓ୍ୱାଜରେ ଟିଭି ମୋବାଇଲରେ ବୟାନ ଦେଉଛନ୍ତି। କାହିଁକି କୁହାଯାଇଛି 'ଗହଣା ନୋହିଲେ ଘୋଡ଼ାଇ ଚାଲ' ସମସ୍ତେ ବସ୍ତ୍ର ପିନ୍ଧୁଛନ୍ତି କାହିଁକି ? ସମସ୍ତେ ଉଲଗ୍ନ ହେଲେ ଲଜ୍ୟା କାହାକୁ ଲାଗନ୍ତା। ସ୍ଥାନ ମାନଙ୍କର ନାମ ରାଜ୍ୟର ନାମ କେମିତି ତତ୍କାଳୀନ ଜଣାଥିଲା, ମାଳିକା କଣ କେବଳ ପୁରୀ କଟକ ପାଇଁ ଲେଖା ଯାଇଛି, ଜଳପ୍ରଳୟ କଣ କେବଳ ଆମରି ହୀରାକୁଦ ବନ୍ଧ ସହ ଜଡ଼ିତ। ହିମାଳୟ ବରଫ ତରଳୁଛି ମେରୁରେ ବରଫ ତରଳୁଛି ଏ ପାଇଁ କଣ ଜଳ ପ୍ଲାବନ ହେବନାହିଁ ? ସୁନାମୀ ବିଭିନ୍ନ ସ୍ଥାନରେ ହେଉଛି ଏହା କଣ ପ୍ରଳୟ ନୁହେଁ? ଯୁଦ୍ଧର ଧରା ବଦଳିଛି କେତେଲୋକ ବିନା କାରଣରୁ ମାରୁଛନ୍ତି ମରୁଛନ୍ତି ଏହା କଣ ମାରୀ ଭୟ ନୁହେଁ? ତେଣୁ କାଳ ପତ୍ର ବିଚାରରେ ଶାସ୍ତ୍ର ବୟାନ କଲେ ଦୋଷ ଲାଗନ୍ତା ନାହିଁ, କଣ କଲେ ଲୋକ ଅକାଳମୃତ୍ୟୁ ଭୟରେ ପଡ଼ିବେ ନାହିଁ ଯେତେବେଳେ ଶ୍ରୀଚୈତନ୍ୟ ଦେବ ପ୍ରଚାର ଆରମ୍ଭ କରିଥିଲେ ଠିକ ସେତିକି ବେଳେ ମାଳିକା ସ୍ରଷ୍ଟାଙ୍କ ଭବିଷ୍ୟତ ବାଣୀ ତାଙ୍କ ସମ୍ପ୍ରଦାୟ ଶିଷ୍ୟ ଗଣଙ୍କୁ ଦିଆଯାଇ ସତର୍କ କରାଯାଇଥିଲା। ଏ ସମୟରେ କାହାରି ବେକରେ ମାଳି କଣ୍ଠି ନାହିଁ କେହି କାଛିଆ କୌପିନ ପିନ୍ଧୁନାହାନ୍ତି। କାହାରି ମୁଣ୍ଡରେ ଛୁଟି ଜଟ ନାହିଁ, ଭୋଜନରେ ବାଗବାଇଶ ନାହିଁ ଅନେକ ପ୍ୟାଣ୍ଟ ପିନ୍ଧି ଠିଆ ହୋଇ ପରିସ୍ରା କରୁଛନ୍ତି ଏପରିକି ସୁଟ ପିନ୍ଧି ମୃଦଙ୍ଗ ବଜାଉଛନ୍ତି, କଣ ଶୁଦ୍ଧ କଣ ଅଶୁଦ୍ଧ ଜ୍ଞାନ ଉଭାନ ପୁରୋହିତ ଗିରି ନେତାଏ କଲେଣି, କାହିଁ ଚୈତନ୍ୟ ପଥ, କାହାନ୍ତି ଅଚ୍ୟୁତ, ହାଡ଼ିଦାସଙ୍କ ସତର୍କ ବାଣୀର ପାଳନ କାରି, କାହାନ୍ତି ? ପୁଣି କାହାନ୍ତି ସେହି ପଥର ପ୍ରତିକାର କରି ପ୍ରଶାସକ ଜନତା ଜନାର୍ଦ୍ଦନ ? ମନ୍ଦିର ଜୀର୍ଣ୍ଣଉଦ୍ଧାର ଠାରୁ ଦୈବୀ ଉତ୍ପାତରୁ ରାଜ୍ୟ ଭୂମି ରକ୍ଷା ଆଗ, କିଏ ବିଚାର କରିବ ?

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ**
**ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ଜନଗଣନା ଦେଶର ଭବିଷ୍ୟତର ବ୍ଲୁ ପ୍ରିଣ୍ଟ

**ଗୋପାଳ ମହାପାତ୍ର**

ଦେଶରେ ୧୮୭୨ ମସିହାରେ ପ୍ରଥମ ବ୍ୟାପକ ଜନଗଣନା କରାଯାଇଥିଲା। ତାପର ଠାରୁ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହେଉଥିଲା। କିନ୍ତୁ ଦେଶ ଓ ପରିସ୍ଥିତି ବଦଳିଲା ଓ ଜନଗଣନା କରିବାର ପ୍ରକ୍ରିୟା ଏବଂ ବ୍ୟବସ୍ଥା ମଧ୍ୟ ବଦଳିବାରେ ଲାଗିଲା। ଜନଗଣନା କରାଯିବାର ଉଦେଶ୍ୟ ହେଉଛି ସରକାରଙ୍କୁ ଜଣାପଡିବ ଯେ ଦେଶର ଲୋକସଂଖ୍ୟା କେତେ, ସେମାନେ କେଉଁଠି ରହୁଛନ୍ତି, କ'ଣ କାମ କରୁଛନ୍ତି ଏବଂ କେଉଁ ଭାଷାର ବ୍ୟବହାର କରୁଛନ୍ତି। ଜନଗଣନାରେ କେବଳ ଲୋକଙ୍କ ସଂଖ୍ୟା ଜାଣିହୁଏ ତାହା ନୁହେଁ ଦେଶର ସାମାଜିକ, ଆର୍ଥୀକ ଏବଂ ସାଂସ୍କୃତିକ ସ୍ଥିତି ବାବଦରେ ସ୍ପଷ୍ଟ ସୂଚନା ମିଳିଥାଏ। ଏସବୁ ସୂଚନା ବା ତଥ୍ୟକୁ ତର୍ଜମା କରି ସରକାର ନୀତି ନିୟମ ପ୍ରଣୟନ କରିଥାନ୍ତି, ସଂସାଧନର ବିତରଣ ଏବଂ ଯୋଜନାର ଦିଶା ସ୍ଥିର କରିପାରିଥାନ୍ତି। ଋଗ୍‌ବେଦରେ ଭାରତରେ ୮୦୦-୬୦୦ ଖ୍ରୀଷ୍ଟପୂର୍ବରେ ଏକପ୍ରକାରର ଜନସଂଖ୍ୟାର ଗଣନା କରାଯିବା ସମ୍ପର୍କରେ ଉଲ୍ଲେଖ ରହିଛି। ଏତଦ୍ ବ୍ୟତୀତ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଏବଂ ମୋଗଲ କାଳରେ ଆଇନ୍-ଏ-ଅକବରୀରେ ମଧ୍ୟ ଗଣନା କରାଯିବା ସମ୍ପର୍କରେ ଉଲ୍ଲେଖ ଅଛି। ଆଧୁନିକ କାଳରେ ଜନଗଣନାର ଇତିହାସ ୧୮୦୦ରୁ ଆରମ୍ଭ ହୋଇଥିଲା ଯେତେବେଳେ ଇଂଲଣ୍ଡ ବା ବ୍ରିଟିଶ ସରକାର ସେମାନଙ୍କ ଦେଶରେ ଜନଗଣନା କରାଇଥିଲେ। ବ୍ରିଟିଶ ଶାସନ କାଳରେ ଜେମସ ପ୍ରିନସେପଙ୍କ ଦ୍ୱାରା ୧୮୨୪ରେ ଇଲାହାବାଦ (ବର୍ତ୍ତମାନର ପ୍ରୟାଗରାଜ) ଏବଂ ୧୮୨୭-୨୮ରେ ବନାରସରେ ଜନଗଣନା କରାଯାଇଥିଲା। ୧୮୩୦ ମସିହାରେ ଢାକା ସହର (ବର୍ତ୍ତମାନର ବଙ୍ଗଳାଦେଶ)ର ଜନଗଣନା ହେନେରୀ ବାଲଟରଙ୍କ ଦ୍ୱାରା କରାଯାଇଥିଲା। ସମଗ୍ର ଭାରତ (ଅବିଭକ୍ତ ଭାରତ)ର ପ୍ରଥମ ଜନଗଣନା ୧୮୭୨ରେ ବ୍ରିଟିଶ ସରକାର ଅମଳରେ କରାଯାଇଥିଲା। ଯଦିଓ ଏକ ସମୟରେ ଏହି ଜନଗଣନା କରାଯାଇନଥିଲା। ପର୍ଯ୍ୟାୟକ୍ରମେ ଅଲଗା ଅଲଗା ଅଞ୍ଚଳରେ କରାଯାଇଥିଲା। ୧୮୮୧ରେ ଭାରତରେ ପ୍ରଥମ ଥର ପାଇଁ ସଂପୂର୍ଣ୍ଣ ଏବଂ ବ୍ୟବସ୍ଥିତ ଭାବେ ଜନଗଣନା କରାଯାଇଥିଲା ଯାହାକୁ ପ୍ରଥମ ଆଧୁନିକ ଜନଗଣନା ବୋଲି କୁହାଯାଏ। ସେବେଠାରୁ ପ୍ରତି ୧୦ବର୍ଷରେ ଜନଗଣନା କରାଯାଇ ଆସୁଛି।

ଭାରତ ସ୍ୱାଧିନ ହେବାପରେ ୧୯୫୧ରେ ସ୍ୱାଧିନ ଭାରତର ପ୍ରଥମ ଜନଗଣନା ହୋଇଥିଲା। ସେତେବେଳେ ଦେଶର ଜନସଂଖ୍ୟା ୩୬କୋଟି ଥିଲା। ୨୦୧୧ର ଜନଗଣନା ବେଳକୁ ଦେଶର ଜନସଂଖ୍ୟା ୧୨୧ କୋଟି ହୋଇସାରିଥିଲା। ଭାରତରେ ପ୍ରତ୍ୟେକ ୧୦ ବର୍ଷରେ ଥରେ ହେଉଥିବା ଜନଗଣନା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧିନସ୍ଥ ଜନଗଣନା କମିଶନ କାର୍ଯ୍ୟାଳୟ ଦ୍ୱାରା କରାଯାଇଥାଏ। ସମ୍ବିଧାନର ଜନଗଣନା ଅଧିନିୟମ ୧୯୪୮ର ପ୍ରାବଧାନ ଅନୁସାରେ ଏହି ଜନଗଣନା କରାଯାଇଥାଏ। ଭାରତର ସମ୍ବିଧାନର ଅନୁଛେଦ ୨୪୬ ଅନୁସାରେ ଜନଗଣନା କେନ୍ଦ୍ର (ସଂଘ)ର ବିଶୟ ଅଟେ। ଏହା ସମ୍ବିଧାନର ସପ୍ତମ ଅନୁସୂଚୀର କ୍ରମାଙ୍କ ୬୯ରେ ସୂଚୀବଦ୍ଧ ହୋଇଛି। ଜନଗଣନା ଅଧିନିୟମ ୧୯୪୮ରେ ଗୋପନୀୟତାର ଗ୍ୟାରେଣ୍ଟି ମଧ୍ୟ ଦିଆଯାଇଛି। ଜନଗଣନା ସମୟରେ ଏକତ୍ର କରାଯାଇଥିବା ତଥ୍ୟ ଏତେ ଗୋପନୀୟ ଯେ ଏସବୁ ତଥ୍ୟ ନ୍ୟାୟଳୟକୁ ମିଳିବା ମଧ୍ୟ ସହଜ ନୁହେଁ। ଗୋପନୀୟତାର ଉଲଂଘନ ପାଇଁ ଦଣ୍ଡର ପ୍ରାବଧାନ ରହିଛି। ୨୦୧୧ର ଜନଗଣନା ବେଳେ ଜନଗଣନା ଦାୟୀତ୍ୱରେ ଥିବା କର୍ମଚାରୀ ମାନେ ଲୋକଙ୍କୁ ୨୯ଟି ପ୍ରଶ୍ନ ପଚାରୁଥିଲେ। ୨୦୨୧ ହେବାକୁ ଥିବା ଜନଗଣନାକୁ କୋରେନା ମହାମାରୀ କାରଣରୁ ସ୍ଥଗିତ କରାଯାଇଥିଲା। ୨୦୨୬ରେ ଏବେ ଯେଉଁ ଜନଗଣନା କରାଯାଉଛି ଏହା ପ୍ରଥମ ଡିଜିଟାଲ ଜନଗଣନା। ଏଥିରେ ସ୍ୱ- ଗଣନାର ମଧ୍ୟ ବ୍ୟବସ୍ଥା ରହିଛି। ପୁର୍ବରୁ ପୁରୁଷ ଓ ମହିଳାଙ୍କ ବାବଦରେ ତଥ୍ୟ ସଂଗ୍ରହ କରା ଯାଉଥିଲା କିନ୍ତୁ ଏଥର ଟାନ୍ସଜେଣ୍ଡର (କ୍ଲିବଲିଙ୍ଗ) ମଧ୍ୟ ସାମିଲ ହେବେ।



ଜନଗଣନାର ପ୍ରଥମ ପର୍ଯ୍ୟୟରେ ୩୩ଟି ପ୍ରଶ୍ନ ପଚରାଯିବ ଯଥା- ଗୃହର ସ୍ଥିତି, ପରିବାରର ସୁଖ-ସୁବିଧା, ପାନୀୟଜଳ, ଶୌଚାଳୟ, ବିଦ୍ୟୁତ୍, ଇନ୍ଧନ ଏବଂ ମୁଖ୍ୟତଃ ଖାଦ୍ୟ ଭାବରେ ବ୍ୟବହାର କରାଯାଉଥିବା ଶଷ୍ୟ ଇତ୍ୟାଦି। ଏଥରର ଜନଗଣନା ଅନେକ ଦୃଷ୍ଟିରୁ ଐତିହାସିକ ବୋଲି କୁହାଯାଉଛି କାରଣ ଡିଜିଟାଲ ମାଧ୍ୟମରେ ହେଉଥିବା ଏହି ଜନଗଣନା ତ୍ୱରିତ ଏବଂ ପାରଦର୍ଶୀ ହେବ। ଏପରିକି ସଂଖ୍ୟାର ଗୁଣବତ୍ତା ମଧ୍ୟ ରହିବ। ପାରମ୍ପରିକ କାଗଜ ଆଧାରିତ ପ୍ରଣାଳି ପରିବର୍ତ୍ତେ ଏବେ ମୋବାଇଲଆପ୍, ୱେବ ପୋର୍ଟାଲ ଏବଂ ରିୟଲ ଟାଇମ୍ ଡାଟା ମନିଟରିଙ୍ଗର ଉପଯୋଗ କରାଯିବ। ଫଳରେ ଜନଗଣନା କର୍ମଚାରୀ ଙ୍କ ଦ୍ୱାରା ଏକତ୍ରିତ ତଥ୍ୟ ସିଧାସଳଖ ସର୍ଭରରେ ପହଞ୍ଚିବ ଯାହାଫଳରେ ଡ଼ାଟା ପ୍ରୋସେସିଙ୍ଗ ପାଇଁ ଲାଗୁଥିବା ସମୟ କମ୍ ହେବ। ଏହି ଡିଜିଟାଲ ଜନଗଣନାର ଏକ ବିଶେଷତା ହେଉଛି ଏହା ଦୁଇଟି ପର୍ଯ୍ୟାୟରେ ଆୟୋଜିତ କରାଯିବ। ଏହା ଦ୍ୱାରା ଡ଼ାଟା (ତଥ୍ୟ) ଅଧିକ ବ୍ୟବସ୍ଥିତ ଏବଂ ବିଶ୍ଲେଷଣ ଯୋଗ୍ୟ ହୋଇପାରିବ। ଏଥର ଦିଆଯାଇଥିବା ସ୍ୱତନ୍ତ୍ର ସୁବିଧା ହେଉଛି ଆପଣ (ବ୍ୟକ୍ତି) ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ନିଜ ପରିବାରର ତଥ୍ୟ ସବୁକୁ ଦାଖଲ କରିପାରିବେ। ୧୬ଟି ଭାଷାରେ ଏହି ପୋର୍ଟାଲ ଉପଲବ୍ଧ। ଜନଗଣନା ସମ୍ପର୍କୀତ ସୂଚନାର ସୁରକ୍ଷା ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ଡ଼ାଟା ବା ସୂଚନା ସଂପୂର୍ଣ୍ଣ ଗୋପନୀୟ ରହିବ ଏବଂ ଏହା ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ନୁହେଁ। ଜନଗଣନାର ତଥ୍ୟକୁ କୌଣସି ସରକାରୀ ଯୋଜନା ବା ଅଦାଲତରେ ସାକ୍ଷ୍ୟ ଭାବେ ବ୍ୟବହାର କରାଯାଇପାରିବ ନାହିଁ। ଜନଗଣନାର ଅଧିକାରୀକ ସଂଖ୍ୟା ୨୦୨୭ ମାର୍ଚ୍ଚ ୧ ତାରିଖ ମଧ୍ୟରାତ୍ରୀର ଆଧାରରେ ସ୍ଥିର ବୋଲି ଗ୍ରହଣ କରାଯିବ।

ଏହି ଅଭିଯାନକୁ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ସରକାର ୧୧୭୧୮ କୋଟି ୨୪ଲକ୍ଷ ଟଙ୍କା ବ୍ୟୟ କରିବେ। ସାରା ଦେଶରେ ପାଖାପାଖି ୩୦ଲକ୍ଷ କର୍ମଚାରୀ ଏବଂ ଅଧିକାରୀ ଏହି କାର୍ଯ୍ୟ କରିବେ। ଜନଗଣନାର ଦ୍ୱିତୀୟ ବୃହତ୍ ଅଂଶ ୨୦୨୭ ଫେବୃୟାରୀରୁ ଆରମ୍ଭ ହେବ। ଏହି ସମୟରେ ଲୋକଙ୍କ ଗଣତି ହେବ ଏପରିକି ଜାତି ଆଧାରିତ ଗଣନା କରାଯିବ। ୨୦୨୭ ମାର୍ଚ୍ଚ ୧ ତାରିଖ ରାତ୍ରୀ ୧୨ଟାକୁ ଏହି ଗଣିତର ମୁଖ୍ୟ ଆଧାର ଭାବେ ଗ୍ରହଣ କରାଯିବ। ଏକଥା ନିଶ୍ଚିତ ଯେ ଜନଗଣନା କେବଳ ଜନସଂଖ୍ୟାର ଗଣତି ନୁହେଁ ବରଂ ଦେଶର ଭବିଷ୍ୟତର ବ୍ଲୁପ୍ରିଣ୍ଟ ଅଟେ। ଏଥିରୁ ସରକାରଙ୍କୁ ଜଣାପଡିଥାଏ ଯେ କେଉଁ ଅଞ୍ଚଳରେ ସ୍କୁଲ, ହସ୍ପିଟାଲ ଏବଂ ବୁନିଆଦି ସୁବିଧାର ଅଭାବ ରହିଛି। ଏସବୁ ତଥ୍ୟର ତର୍ଜମା କରି ସରକାର ବଜେଟରେ ସେ ସବୁ ଅଞ୍ଚଳର ବିକାଶର ବ୍ୟବସ୍ଥା କରିପାରିବେ। ଶିକ୍ଷା, ରୋଜଗାର ଏବଂ ସ୍ୱାସ୍ଥ୍ୟ ସହ ଜଡ଼ିତ ନୀତି ବାସ୍ତବିକ୍ ଡାଟାର ଆଧାରରେ ପ୍ରଣୟନ କରାଯାଇଥାଏ। ପଛୁଆ ଏବଂ ବଞ୍ଚିତ ବର୍ଗଙ୍କ ବାବଦରେ ସଠିକ୍ ତଥ୍ୟ ଜାଣିବା ପରେ ସରକାର ସେମାନଙ୍କ ଉତ୍‌ଥାନ ପାଇଁ ବିଶେଷ କାର୍ଯ୍ୟକ୍ରମ ଚଳାଇଥାନ୍ତି।

ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ମା' ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ମହୋତ୍ସବ ଅନୁଷ୍ଠିତ



କାକଟପୁର, (ମହାଭାରତ) : ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ସାଡେଙ୍ଗା ଗ୍ରାମରେ ମା' ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ମହୋତ୍ସବ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ଧୁମଧାମରେ ପାଳିତ ହୋଇଯାଇଛି। ମହୋତ୍ସବର ପ୍ରଥମ ଦିନରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହିତ ପୂଜାର ଶୁଭାରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ଦିନଗୁଡିକରେ ଅଧିବାସ ଓ ବିଭିନ୍ନ ପାରମ୍ପରିକ ଧାର୍ମିକ ବିଧିବିଧାନ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜିତ ଭବ୍ୟ କଳସ ଯାତ୍ରା ସହରର ମୁଖ୍ୟ ଆକର୍ଷଣ ସାଜିଥିଲା, ଯେଉଁଥିରେ ଶତାଧିକ ମହିଳା ଭକ୍ତ ଓ ଗ୍ରାମବାସୀ ସାମିଲ ହୋଇଥିଲେ।ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅବସରରେ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ପ୍ରସିଦ୍ଧ ଭଜନ ଗାୟକମାନେ ଯୋଗଦେଇ ନିଜର ଭକ୍ତିପୂର୍ଣ୍ଣ ସଙ୍ଗୀତ ମାଧ୍ୟମରେ ଶ୍ରୋତାମାନଙ୍କୁ ବିଭୋର କରିଥିଲେ। ମହୋତ୍ସବର ଅନ୍ତିମ ଦିନରେ ବାଜା ବାଣ ରୋଷଣୀ କରି ଦୋଳ ଗୋବିନ୍ଦଙ୍କୁ ଗ୍ରାମ ପରିଭ୍ରମଣ କରାଯାଇଥିଲା । ସଂଧ୍ୟା ରେ ବିଶେଷ ପୂଜାର୍ଚ୍ଚନା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।ସାଡେଙ୍ଗାର 'ଚଣ୍ଡୀମାତା ଯୁବକ ସଂଘ'ର ସଦସ୍ୟ ଏବଂ ସମସ୍ତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି।

## ଅଭୟଚାନ୍ଦପୁର ପୋଲିସକୁ ସଫଳତା, ବ୍ରାଉନସୁଗାର ସହିତ ବେପାରୀକୁ ମାଡି ବସିଲା ପୋଲିସ, ନିଶା ବେପାରୀଙ୍କୁ ଏଏସପି ଙ୍କ ସତର୍କଘଣ୍ଟି



ପାରାଦୀପ, (ମହାଭାରତ) : ରାଜ୍ୟ ସରକାରଙ୍କ ନିଶାମୁକ୍ତ ଅଭିଯାନରେ ଜଗତସିଂହପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ନିଶା କାରବାରକୁ ରୋକିବାକୁ ପୋଲିସ ତରଫରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଛି । ପାରାଦୀପ ରେ ନୂତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ଅଜିଙ୍କ୍ୟ ବାବୁରାଓ ମାଣେ ଯୋଗଦେବା ପରେ ଚୋରା ନିଶା ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ପାରାଦୀପ ଅଭୟଚାନ୍ଦପୁର ପୋଲିସ ତରଫରୁ ବଗଦିଆ ଡାଳିମ୍ବପୁର ରାସ୍ତାରେ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଡାଳିମ୍ବପୁର ଗ୍ରାମର ସଂଗ୍ରାମ ଦଳାଇ କୁ ଅଟକ ରଖିବା ସହିତ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ନଗଦ ଟଙ୍କା, ବ୍ରାଉନସୁଗାର, ଏକ ସ୍କୁଟି ଜବତ କରିବା ସହିତ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛି ଅଭୟଚାନ୍ଦପୁର ପୋଲିସ । ସୂଚନା ଅନୁଯାୟୀ ଅଜି ସକାଳ ସମୟରେ ଅଭୟଚାନ୍ଦପୁର ଥାନା ଅଧିନସ୍ଥ ବଗଦିଆ ଡାଳିମ୍ବପୁର ସ୍ମଶାନ ନିକଟରେ ଏକ ଟିଭିଏସ ସ୍କୁଟି ରେ ବ୍ରାଉନସୁଗାର ବେପାର କରୁଥିବା ବିଶ୍ୱସ୍ଥ ସୂତ୍ରରୁ ଖବର ପାଇଥିଲା ପୋଲିସ । ଯାହାକୁ ନେଇ ଅଭୟଚାନ୍ଦପୁର ପୋଲିସର ସବ୍‌ଇନ୍ସପେକ୍ଟର ଏମ ହେମ୍ବ୍ରମ ଙ୍କ ସହିତ ପୋଲିସ ଟିମ ଡାଳିମ୍ବପୁର ଆଇଓସିଏଲ ରାସ୍ତା ନିକଟରେ ଅଭିଯୁକ୍ତକୁ ମାଡି ବସିବା ସହିତ ସ୍କୁଟି ଦିକିରୁ ୧୪.୨୯ ଗ୍ରାମ ବ୍ରାଉନସୁଗାର ସହିତ ନଗଦ ୪୫୫୦ ଟଙ୍କା, ଏକ ମୋବାଇଲ ଓ ଟିଭିଏସ ସ୍କୁଟି ଜବତ କରିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ସହିତ ଅଭିଯୁକ୍ତ ସଂଗ୍ରାମ ଦଳାଇ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅଭୟଚାନ୍ଦପୁର ଥାନା ଆଇଆଇସି ସମୀର ରାଉତ ଉପସ୍ଥିତ ଥିଲେ । ପାରାଦୀପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବରେ ଯୋଗଦେବା ପରେ ପାରାଦୀପର ଯୁବପିଢ଼ି, ସମସ୍ତ ବ୍ୟବସାୟୀକ ସଂସ୍ଥା ଓ ବିଭିନ୍ନ ସାମାଜିକ ସଂଗଠନ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ସୂଚନା ଦେବା ସହିତ ନିଶା କବଳରେ କବଳିତ ଏବଂ ନିଶାକୁ ପ୍ରୋତ୍ସାହନ ଦେଉଥିବା ଯୁବଗୋଷ୍ଠୀ ଙ୍କ ପାଇଁ ସତର୍କ ଘଣ୍ଟି ବଜାଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟ ବାବୁରାଓ ମାଣେ । ନିଶା ବେପାରୀ ସାବଧାନ ହୋଇଯାଆନ୍ତୁ ନଚେତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚେତାବନୀ ଦେଇଛନ୍ତି ।

## ବନ କର୍ମଚାରୀଙ୍କୁ ନିର୍ଘାତ ମାଡ



କପ୍ତିପଦା, (ମହାଭାରତ) : ବନକର୍ମଚାରୀଙ୍କୁ ନିସ୍ତୁକ ମାଡ, ଭାଙ୍ଗିଲେ ଗାଡି । ଦନ୍ତାହାତୀ ଭାଙ୍ଗିଲା ଘର , ରାଗରେ ସ୍ଥାନୀୟ ଲୋକେ ହାତୀକୁ ଟ୍ରାକ କରୁଥିବା ବନବିଭାଗ ଗାଡିକୁ ଭାଙ୍ଗିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ସୂଚନା । ଡୁକୁରା ବନାଞ୍ଚଳ ଅଧିନ ବହଳଦା ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଶିମିଳିପାଳରୁ ଏକ ଦନ୍ତାହାତୀ ଜନବସତି ମୁହାଁ ହୋଇଥିଲା । ଏହାକୁ ଜଙ୍ଗଲକୁ ଘଉଡାଇବା ପାଇଁ ବନବିଭାଗ ପ୍ରୟାସ ଜାରି ରଖିଥିଲା ବେଳେ ହାତୀଟି ବହଳଦା ଅଞ୍ଚଳରେ ପ୍ରବେଶ କରି କିଛି ଘର ଭାଙ୍ଗିଦେଇଥିଲା । ଏଥିରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ହାତୀ ଘଉଡାଇବାକୁ ଯାଇଥିବା ୭ଜଣ ବନକର୍ମଚାରୀଙ୍କୁ ଅଟକାଇ ନିସ୍ତୁକ ମାଡମାରିବା ସହ ବଲେରୋ ଗାଡିଟିକୁ ଭାଙ୍ଗିରୁଜି ଦେଇଛନ୍ତି । ପରିସ୍ଥିତି ନିୟନ୍ତ୍ରଣାଧୀନ ହେବାରୁ ବାରିପଦାରୁ ଅଧିକ ବନକର୍ମଚାରୀ ଯାଇ ଫସିରହିଥିବା ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଅନ୍ୟପଟେ ସ୍ଥାନୀୟ ଲୋକଙ୍କ କହିବା କଥା ଅପରାହ୍ନ ସମୟରୁ ହାତୀ ଜନବସତି ମୁହାଁ ହୋଇଥିବା ଖବର ବନବିଭାଗକୁ ଦିଆଯାଇଥିଲା । ସନ୍ଧ୍ୟାରେ ହାତୀ ଘର ଭାଙ୍ଗିବା ଆରମ୍ଭ କରିଥିଲେ ସୁଦ୍ଧା ବନବିଭାଗ ଅଞ୍ଚଳରେ ପହଞ୍ଚିନଥିଲେ । ତେବେ ରାତିରେ ବନବିଭାଗ ହାତୀ ଘଉଡାଇବାକୁ ପହଞ୍ଚିବାରୁ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ବନକର୍ମଚାରୀଙ୍କୁ ଅଟକ ରଖିଥିଲେ । ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା ଓ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏହି ଆକ୍ରମଣରେ ଫରେଷ୍ଟର ଖଗେଶ୍ୱର ସେଠି, ଫରେଷ୍ଟ ଗାର୍ଡ ରାଇଧନ ସିଂ ଏବଂ ମହିଳା ଗାର୍ଡ ମାଳତୀ ମୁର୍ମୁଙ୍କ ସହିତ ଅନ୍ୟ ୪ ଜଣ ବନ କର୍ମଚାରୀ ଏହି ଆକ୍ରମଣରେ ଗୁରୁତର ହୋଇଛନ୍ତି।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଇଟାଲୀ ଦେଶର ଦମ୍ପତି



ପାରଳାଖେମୁଣ୍ଡି, (ମହାଭାରତ) : ଆଜି ଗଜପତି ଜିଲ୍ଲାରୁ ୮୨ ଓ ୮୩ ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନଗା ପୋଷ୍ୟ ସନ୍ତାନ ଭାବେ ଇଟାଲୀ ଦେଶର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଆଜକୁ ପ୍ରାୟ ୩ ବର୍ଷ ପୂର୍ବେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁଦ୍ୱୟଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଉତ୍କଳ ବାଳାଶ୍ରମ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ, ହାତିବାଡିଠାରେ ରଖାଯାଇଥିଲା। ପରବର୍ତ୍ତି ମୁହୁର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଦ୍ୱୟଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ ମିଶନ ବାତ୍ସଲ୍ୟ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଦ୍ୱୟ ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଯୋଗ୍ୟ ପରିବାର ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ପରିବାର ଶାରିରୀକ ସ୍ତରରେ ଶିଶୁଦ୍ୱୟଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯାଞ୍ଚ କରିବା ପରେ ଆଜି ଶିଶୁଦ୍ୱୟଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଦ୍ୱୟ ଦୁଇ ଭଉଣୀ ଓ ଶିଶୁଦ୍ୱୟଙ୍କର ବୟସ ୧୨ ଓ ୧୪ ବର୍ଷ ହୋଇଥିବାବେଳେ, ଶିଶୁଦ୍ୱୟ ଓ ଉକ୍ତ ଦମ୍ପତି ଶିଶୁଦ୍ୱୟଙ୍କୁ ପାଇ ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ଶ୍ରୀଯୁକ୍ତ ଅମିୟ କୁମାର ତ୍ରିପାଠୀ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ମନୋରମା ଦେବୀ, ସୁରକ୍ଷା ଅଧିକାରିଣୀ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଶ୍ରୀମତୀ ଶାରଳା ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ସି ଡି ପି ଓ, ରାୟଗଡ଼ ଶ୍ରୀମତୀ ବି କୋମଳାଙ୍ଗୀ, ଉତ୍କଳ ବାଳାଶ୍ରମ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଏରସମା, (ମହାଭାରତ) : ଏରସମା ବ୍ଲକ୍ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ତନ୍ତିଆ ଗ୍ରାମରେ ୨୪ ଫୁଟ ଉଚ୍ଚତା ବିଶିଷ୍ଟ ମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି।ବୀର୍ ବଜରଙ୍ଗୀ ୱେଲଫେୟାର କମିଟି ଓ ତନ୍ତିଆ ଗ୍ରାମବାସୀଙ୍କ ସହଯୋଗରେ ତିନିଦିନ ଧରି ଆୟୋଜିତ ଉତ୍ସବର ବିଭିନ୍ନ ଦିବସରେ ଅଙ୍କୁରା ରୋପଣ, ମହାନଦୀ ପଙ୍କପାଳ ଘାଟରୁ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା,ମହା ପ୍ରଭୁଙ୍କ ନଗର ପରିକ୍ରମା, ମହାସ୍ନାନ,ବିଗ୍ରହ ପ୍ରତିଷ୍ଠା, ହରି ସଙ୍କିର୍ତ୍ତନ,ଗୀତାଯଜ୍ଞ, ପୂର୍ଣ୍ଣାହୁତି ଓ ପ୍ରତ୍ୟହ ପ୍ରଶାଦ ସେବନ କରାଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସନ୍ଧ୍ୟାରେ ପୁରୀ ସ୍ଥିତ ସ୍ୱାମୀ ନାରାୟଣ ମନ୍ଦିରର ସନ୍ଥ ଭକ୍ତ ବତ୍ସଳ ସ୍ୱାମୀ ମହାରାଜ, ଶାକାର ସ୍ୱାମୀ ମହାରାଜ, ଆର୍ ଏସ୍ ଏସ୍ କାର୍ଯ୍ୟକର୍ତ୍ତା ପିତାମ୍ବର ଜେନା ଓ ନୂଆଗାଁ ସ୍ଥିତ ପ୍ରସିଦ୍ଧ ମହାବୀର ଆଶ୍ରମର ବାବା ରାମକୃଷ୍ଣ ଦାସ ମହାରାଜ ରାମାୟଣ କଥାବସ୍ତୁ ଆଧାରିତ ପ୍ରବଚନ ପରିବେଷଣ କରିଥିଲେ। ନରେଶ ଚନ୍ଦ୍ର ଦଳାଇ ଓ ଶଶ୍ମିତା ରାଉତ କର୍ତ୍ତା ଭାବରେ କାର୍ଯ୍ୟ ସମ୍ପାଦନ ସହିତ ପଣ୍ଡିତ ଶକ୍ତି ପ୍ରସାଦ ମିଶ୍ର,ଶୁଭ୍ର କାନ୍ତ ମିଶ୍ର,ସନାତନ ମିଶ୍ର ଓ ଚୂନା ନନାଙ୍କ ପୌରହିତ୍ୟରେ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଛି।ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଅଭୟଚାନ୍ଦପୁର ପୋଲିସ କୁ ସଫଳତା, ବ୍ରାଉନସୁଗାର ସହିତ ବେପାରୀକୁ ମାଡି ବସିଲା ପୋଲିସ, ନିଶା ବେପାରୀଙ୍କୁ ଏଏସପି ଙ୍କ ସତର୍କଘଣ୍ଟି

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରର ଜୟଦେବ ସଦନ ଠାରେ କ୍ୟାନମାସ ଦ୍ୱାରା ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଦିଲ୍ଲୀର ଥିଏଟର ୱାଲା ଅନୁଷ୍ଠାନର କଳାକାର ମାନେ ରାମଜୀ ବାଲିଙ୍କ ନିର୍ଦ୍ଦେଶିତ ହିନ୍ଦୀ ଭାଷାରେ ଏକ ଭିନ୍ନ ସ୍ୱାଦର ନାଟକ 'କୋଇ ବାତ୍ ଚଲେ' ମଞ୍ଚସ୍ଥ କରିଥିଲେ । ଭେଷ୍ଟମ୍ ନେଟଓ୍ୱାର୍କ ମିଳିତ ସହଯୋଗରେ ଥିଏଟର ୱାଲା ପ୍ରଡକ୍ସନ୍ 'କୋଇ ବାତ୍ ଚଲେ' ଫିଟ୍ ବଲିଉଡ୍ ଅଭିନେତା 'ଯଶପାଲ ଶର୍ମା' ଏବଂ ଅନ୍ୟାନ୍ୟ କଳାକାରଙ୍କୁ ଉପସ୍ଥାପନ କରୁଛି, ନାଟକର କାହାଣୀ, କୋଇ ବାତ୍ ଚାଲେ, ନାୟକ କାନହିଆ ଲାଲ ବଂଶୀ ପ୍ରସାଦଙ୍କ ଚାରିପାଖରେ ଘୂରିବୁଲୁଛି, ସେ ଜଣେ ୩୫ ବର୍ଷ ବୟସର ନାଟ୍ୟ ଶିକ୍ଷକ ଏବଂ ତଥାପି ଅବିବାହିତ। ଏକ ରୋମାଣ୍ଟିକ କମେଡି, ଯେଉଁଥିରେ ବଂଶୀ ଜଣେ ଉପଯୁକ୍ତ ଜୀବନସାଥୀ ଖୋଜିବା ପାଇଁ ବିବାହ ବେରୋର ସାହାଯ୍ୟ ଲୋଡୁଥିବା ଦେଖାଯାଇଛି। ଏହି ସମୟରେ, ବଂଶୀ ତାଙ୍କ ଆତ୍ମସାଥୀଙ୍କ ସନ୍ଧାନରେ ସୁନ୍ଦର ସୁପ୍ରିୟାଙ୍କୁ ଭେଟି ବିବାହ ବ୍ୟୁରୋକୁ ଯାଉଥିବା ସମୟରେ, ସେ ସୁପ୍ରିୟାଙ୍କୁ ସେହି ବେରୋରେ ପ୍ରବେଶ କରୁଥିବାର ଦେଖନ୍ତି, ଯେତେବେଳେ ବରଓ ପ୍ୟାରେ ଲାଲର ମାଲିକ ବଂଶୀଙ୍କୁ ତାଙ୍କ ପସନ୍ଦ ବିଷୟରେ ପଚାରନ୍ତି, ବଂଶୀ ପୂର୍ବରୁ ଭେଟିଥିବା ମହାନ ସୁପ୍ରିର ମନୋରମ ଗୁଣଗୁଡ଼ିକ ଉଲ୍ଲେଖ କରନ୍ତି, ସେ ବିଶେଷ ଭାବରେ କାନ ତଳେ ବାମ ଗାଲରେ ସୁନ୍ଦର କଳା ତିଲ ଉଲ୍ଲେଖ କରନ୍ତି ଯାହା ସେ ସୁପ୍ରିର ବାମ ଗାଲରେ ଦେଖିଥିଲେ। ପ୍ୟାରେ ଲାଲ ସୁପ୍ରିୟା ବ୍ୟତୀତ ଡାହାଣ ଗାଲରେ ତିଳ ଥିବା ଅନେକ ଝିଅଙ୍କୁ ବଂଶୀଙ୍କ ସହ ପରିଚୟ କରାନ୍ତି। ବଂଶୀ ସୁପ୍ରିୟାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ମୁଗ୍ଧ ହୋଇ ସମସ୍ତ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ଶେଷରେ ତାଙ୍କୁ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ନିଅନ୍ତି। ବଂଶୀ ସୁପ୍ରିୟାଙ୍କୁ କିପରି ତାଙ୍କର ଭାବନା ପ୍ରକାଶ କରନ୍ତି ତାହା ନାଟକର ଆନନ୍ଦ ...... କୋଇ ବାତ ଚାଲେ। ନାଟକଟି ଅନେକ ସମୟ ଧରି ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା । ୫ମ ସନ୍ଧ୍ୟାରେ ଓଡ଼ିଆ ନାଟକ ପୂର୍ଣ୍ଣ ପୁରୁଷ ପ୍ରଦର୍ଶିତ ହେବ ।




## ଡ୍ୟାମରେ ବୁଡି ଦିବ୍ୟାଙ୍ଗ ନାବାଳକଙ୍କ ମୃତ

କପ୍ତିପଦା, (ମହାଭାରତ ) : ସାଙ୍ଗ ମାନଙ୍କ ସହିତ ଗାଧୋଇବା ପାଇଁ ଡ୍ୟାମ କୁ ଯାଇଥିଲେ। ହେଲେ ସାଙ୍ଗମାନେ ଗୋଟିଏ ପାର୍ଶ୍ୱରେ ଗାଧୋଉଥିବା ବେଳେ ଅନ୍ୟପାର୍ଶ୍ୱରେ ଡ୍ୟାମରେ ବୁଡି ଯାଇଥିଲେ ଦିବ୍ୟାଙ୍ଗ ନାବାଳକ। ଏଭଳି ଅଘଟଣ ଘଟିଛି କପ୍ତିପଦା ଥାନା କାଳ ଡ୍ୟାମରେ। ଡ୍ୟାମ ନିକଟ ବଡ଼ଝାଡ଼ ଗ୍ରାମର ଦାସ ମାରାଣ୍ଡି ଙ୍କ ଦିବ୍ୟାଙ୍ଗ ନାବାଳକ ପୁଅ କନ୍ଦା ମାରାଣ୍ଡି ସାଙ୍ଗ ମାନଙ୍କ ସହିତ କାଳ ଡ୍ୟାମ କୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସାଙ୍ଗମାନେ ଅନ୍ୟ ଏକ ତୁଠ କୁ ଯାଇ ଗାଧୋଇବା ସହିତ ପାଣିରେ ଖେଳୁଥିଲେ। ହେଲେ ଦିବ୍ୟାଙ୍ଗ କନ୍ଦା ଏକୁଟିଆ ଅନ୍ୟ ଏକ ତୁଠରେ ଗାଧୋଉଥିବା ବେଳେ ବୁଡି ଯାଇଥିଲେ। ସମସ୍ତ ସାଙ୍ଗ ଘରକୁ ଫେରିଥିବା ବେଳେ ଦୀର୍ଘ ସମୟ ଧରି କନ୍ଦା ଘରକୁ ନ ଫେରିବାରୁ ପରିବାର ଲୋକେ ଯାଇ ଡ୍ୟାମରେ ଖୋଜାଖୋଜି କରିଥିଲେ। ଆଉ ଡ୍ୟାମ ରୁ କନ୍ଦା ଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପଞ୍ଚାୟତିରାଜ ଦିବସରେ ଲକ୍ଷ୍ମୀପୁର ବ୍ଲକରେ ବିକାଶର ଦିଗନିର୍ଦ୍ଦେଶ:୧୦୫ ପରିବାରକୁ ଗୃହ ଆଦେଶ

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ଗମ୍ଭୀରତା ଓ ଉତ୍ସାହର ସହ ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ସବ୍ୟସାଚୀ ବେହେରା ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଶୁଆଇ କୁଲେସିକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ବ୍ଲକ ଉପାଧ୍ୟକ୍ଷା ଶ୍ରୀମତୀ ଆରତୀ କୁଲଦୀପ ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରତିଛବି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।ଏହାପରେ ରାଜ୍ୟ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମ ସହ ଭିଡିଓ କନଫରେନ୍ସିଂ ଯୋଗେ ସଂଯୁକ୍ତ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଭିଭାଷଣ ଶୁଣାଯାଇଥିଲା। ସେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଗ୍ରାମୀଣ ଉନ୍ନତିର ମୂଳ ଭିତ୍ତି ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୧୦୫ ଜଣ ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା, ଯାହା ଅନେକ ଗରିବ ପରିବାର ପାଇଁ ନୂଆ ଆଶା ସୃଷ୍ଟି କରିଛି। ସେହିପରି, ସ୍ୱୟଂସହାୟକ ଗୋଷ୍ଠୀଙ୍କ ଅର୍ଥନୈତିକ ସଶକ୍ତିକରଣ ପାଇଁ 'ମା ବନ ଦୁର୍ଗା' ଗୋଷ୍ଠୀକୁ ୧ ଲକ୍ଷ ଟଙ୍କା ଓ 'ମା ବୈଷ୍ଣୋଦେବୀ' ଗୋଷ୍ଠୀକୁ ୫୦ ହଜାର ଟଙ୍କା ଋଣ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ, ଜନପ୍ରତିନିଧି ଓ ସ୍ଥାନୀୟ ଲୋକମାନଙ୍କର ସକ୍ରିୟ ଅଂଶଗ୍ରହଣ ଦେଖାଯାଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ପାଇଁ ସମସ୍ତେ ମିଶି କାମ କରିବାକୁ ବିଡିଓ ଶ୍ରୀ ବେହେରା ଆହ୍ୱାନ କରିଥିଲେ।



# ଏରସମାରେ ଆମ ପୋଲିସ ସମିତି




ଏରସମା, (ମହାଭାରତ) : ଏରସମା ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ଏରସମା ପୋଲିସ ପକ୍ଷରୁ 'ଆମ ପୋଲିସ ସମିତି'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏସଡିପିଓ ଅଜୟ କୁମାର ଦାସ ଓ ନୂତନ ଥାନା ଅଧିକାରୀ ପାର୍ଥ ପ୍ରତିମ୍ ବେଉରା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ।ସର୍ବପ୍ରଥମେ ନୂତନ ଥାନା ଅଧିକାରୀ ପାର୍ଥ ପ୍ରତିମ୍ ବେଉରା 'ଆମ ପୋଲିସ ସମିତି' କାର୍ଯ୍ୟ କଳାପ ବିଷୟରେ ଆଲୋଚନା କରିଥିଲେ ।ଉକ୍ତ ବୈଠକରେ ପୋଲିସ ଅଧିକାରୀ, ୧୯ ପଞ୍ଚାୟତ ରୁ ଆସିଥିବା ସ୍ଥାନୀୟ ପ୍ରତିନିଧି,ସାଧାରଣ ନାଗରିକ,ବରିଷ୍ଠ ନାଗରିକ,ସାମ୍ବାଦିକ ବନ୍ଧୁମାନେ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା ଓ ସେଗୁଡିକର ସମାଧାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ସମାଜ ଗଠନ ପାଇଁ ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ଭଳି ମାଦକ ଦ୍ରବ୍ୟର ବ୍ୟବହାର ଓ ବ୍ୟାପାରକୁ କଠୋର ଭାବେ ନିୟନ୍ତ୍ରଣ କରିବା ଉପରେ ଜୋର ଦିଆଯାଇଥିଲା। ଏହି ଅଭିଯୋଗକୁ ଆହୁରି ତେଜ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସେହିପରି ସଡ଼କ ଦୁର୍ଘଟଣା ସମସ୍ୟାକୁ ନେଇ ମଧ୍ୟ ଗଭୀର ଚର୍ଚ୍ଚା ହୋଇଥିଲା। ବିଶେଷକରି ଯାତାୟତ ସମୟରେ ମୋବାଇଲ ଫୋନ ବ୍ୟବହାର ଓ ଅତ୍ୟଧିକ ଗତିରେ ଗାଡି ଚଳାଇବାକୁ ଦୁର୍ଘଟଣାର ପ୍ରମୁଖ କାରଣ ଭାବେ ଉଲ୍ଲେଖ କରାଯାଇଥିଲା ।ଏହାକୁ ରୋକିବା ପାଇଁ ସଚେତନତା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଅଧିକାରୀ କହିଛନ୍ତି। ଅସାମାଜିକ ଓ ଅନୈତିକ କାର୍ଯ୍ୟକଳାପକୁ ରୋକିବା ନିମନ୍ତେ ବିଶେଷ ଯୋଜନା ପ୍ରସ୍ତୁତ କରାଯାଇଥିବା ସହ ବୃଦ୍ଧି ପାଉଥିବା ସାଇବର କ୍ରାଇମ ଓ ଅନଲାଇନ୍ ଠକେଇ ମାମଲା ଉପରେ ସଚେତନତା ଜାଗୃତ କରିବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ମହିଳା, ଶିଶୁ ଓ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତାଙ୍କ ପ୍ରତି ହେଉଥିବା ଅପରାଧକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଚୋରି ଓ ଡକାୟତି ଭଳି ଅପରାଧ କୁ ରୋକିବା ପାଇଁ ରାତ୍ରି ପ୍ୟାଟ୍ରୋଲିଂ ବୃଦ୍ଧି, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜରରଖିବା ଓ ସାଧାରଣ ଲୋକଙ୍କ ସହଯୋଗକୁ ଆହୁରି ମଜବୁତ କରାଯିବ ବୋଲି ପୋଲିସ ଯୋଜନା କରିଛି। ସମଗ୍ର ଭାବେ 'ଆମ ପୋଲିସ ସମିତି' ବୈଠକ ମାଧ୍ୟମରେ ସମାଜରେ ଶାନ୍ତି, ସୁରକ୍ଷା ଓ ସମନ୍ୱୟ ବଢ଼ାଇବାକୁ ପୋଲିସ ଆଶା ପ୍ରକାଶ କରିଛି।

## କଇଁଛ ଚୋରା ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାରେ କଇଁଛର ଚାହିଦା ଅଧିକ ଥିବାରୁ କିଛି ଅସାଧୁ ବ୍ୟବସାୟୀ ଆଇନକୁ ବେଖାତିର କରି ବେଆଇନ କାରବାର ଜାରି ରଖିଛନ୍ତି। ତେବେ ଏହି ଚୋରା କାରବାର ଉପରେ ଲଗାମ ଲଗାଇବାକୁ ମୋଟୁ ବନ ବିଭାଗ ସଜାଗ ହୋଇଛି। କାଲି ରାତିରେ ବିଶେଷ ସୂତ୍ରରୁ ଖବର ପାଇ ମାଲକାନଗିରି ଉରଙ୍ଗ ଅଙ୍କ ନିଦେଶରେ ଏମ.ଭି-୭୯ ରେଞ୍ଜର ତନୁଜା କାର୍ତ୍ତିକିଆଁନ ଓ ମୋଟୁ ରେଞ୍ଜର ଫୋରେଷ୍ଟର ମୁରୁଲିଧର ଅନୁଗୁଳିଆଙ୍କ ନେତୃତ୍ୱରେ ବନ ବିଭାଗ ପକ୍ଷରୁ ମୋଟୁ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଏକ ପିକଅପ୍ ଭ୍ୟାନରୁ ୭୬୧ଟି କଇଁଛ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି। ତାଙ୍କୁ ବର୍ତ୍ତମାନ ଏମ୍ ?ଭି-୭୯ ବନ ବିଭାଗ କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚରା କରାଯାଉଛି। ଜବତ ହୋଇଥିବା ୭୬୧ଟି କଇଁଛ ମଧ୍ୟରୁ ୫୧ଟି ମୃତ ଅବସ୍ଥାରେ ମିଳିଛି।

## ବେଆଇନ୍ ଗଞ୍ଜେଇ ଚଲାଣ ବେଳେ ମାଡ଼ି ବସିଲା ଏସଟିଏଫ୍ ଟିମ୍



ହିନ୍ଦୋଳ(ମହାଭାରତ)ବେଆଇନ୍ ଗଞ୍ଜେଇ ଚଲାଣ ବେଳେ ମାଡ଼ି ବସିଲା ଏସଟିଏଫ୍ ସିଆଇଡି କ୍ରାଇମ୍ ବ୍ରାଞ୍ଚ ଟିମ୍। ଦୁଇ ଜଣ ଇନ୍ସପେକ୍ଟରଙ୍କ ସମେତ ମୋଟ୍ ସାତ ଜଣ ଏହି ଚଢାଉରେ ସାମିଲ ହୋଇଥିଲେ। ହିନ୍ଦୋଳ ଅଞ୍ଚଳର ଦୁଇ ଜଣ ସରକାରୀ କର୍ମଚାରୀଙ୍କୁ ସାକ୍ଷୀ ରଖି ଏହି ଚଢ଼ାଉ କରିଥିଲେ।ସନ୍ଧ୍ୟା ସାତଟା ସମୟରେ ଆମ୍ବିଠି ବନଦୁର୍ଗା ମନ୍ଦିର ରାସ୍ତାରେ ଗଞ୍ଜେଇ ଅନଲୋଡ ହେଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟିମ୍ ଚଢାଉ କରିଥିଲେ। ଦୁଇ ଜଣ ଘଟଣା ସ୍ଥଳରୁ ଫେରାର ଥିବା ବେଳେ ଟିମ୍ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଅଟକ ବ୍ୟକ୍ତିଙ୍କ ନାମ ଲିପୁ ନାଏକ (୨୫) ଘର ଚେପିଟିଗାଡ଼ିଆ ବୋଲି ସୂଚନା ମିଳିଛି। ମହିନ୍ଦ୍ରା ଏକ୍ସୟୁଭି ୫୦୦ (ଓଡ଼ି ୦୫ ଏନ୍ ୭୭୫୭) ଗାଡ଼ିରେ ଫୁଲବାଣୀରୁ ଦେଢ଼ କୁଇ□ାଲ୍ ଗଞ୍ଜେଇ ନେଇ ହିନ୍ଦୋଳ ଥାନା କଂସରା ଗ୍ରାମ ପଞ୍ଚାୟତ ଆମ୍ବିଠି ବନଦୁର୍ଗା ମନ୍ଦିର ରାସ୍ତାରେ ବେପାରୀଙ୍କୁ ଗଞ୍ଜେଇ ଦେବା ପାଇଁ ଉକ୍ତ ଗାଡି ପହଞ୍ଚି ଥିବା ବେଳେ ଏସଟିଏଫ୍ ସିଆଇଡି କ୍ରାଇମ୍ ବ୍ରାଞ୍ଚ ଟିମ୍ ପହଞ୍ଚି ଚଢାଉ କରିଥିଲେ।

## ହିନ୍ଦୋଳରେ ପ୍ରହସନ ପାଲଟିଲା ପଂଚାୟତରାଜ ଦିବସ

ହିନ୍ଦୋଳ(ମହାଭାରତ)ସାରା ଓଡିଶାରେ ସରକାର ଜାତୀୟ ପଂଚାୟତରାଜ ଦିବସ ପାଳୁଥିବାବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଏହା ହାସ୍ୟାସ୍ପଦ ହୋଇଛି। ଖବରରୁ ପ୍ରକାଶ ଆଜି ହିନ୍ଦୋଳ ଏନଏସି ଟାଉନହଲ ଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଜାତୀୟ ପଂଚାୟତରାଜ ଦିବସରେ ଅଧିକାଂଶ ପଂଚାୟତ ସ୍ତରୀୟ ପ୍ରତିନିଧି ନଥିବାବେଳେ ନିଜକୁ ସୁହାଇବାଭଳି ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜନ ହୋଇଥିଲ।ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ,ଉପଜିଲ୍ଲାପାଳ ପ୍ରଭାସ ବେଉରା , ବିଡ଼ିଓ ପ୍ରମୁଖ ପ୍ରଶାସନିକ ଅଧିକାରୀ, ହାତଗଣତି ପଂଚାୟତ ପ୍ରତିନିଧିଙ୍କ ଯୋଗଦାନ ରେ ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମ। ତେବେ ସଦାସର୍ବଦା ଅବ୍ୟବସ୍ଥା ଦୁର୍ନୀତି ପାଇଁ ଖ୍ୟାତିଅର୍ଜନ କରିଥିବା ହିନ୍ଦୋଳ ବ୍ଲକପ୍ରଶାସନ ବହୁ ମହିଳାମାନଙ୍କୁ ଡାକିଥିଲେ ହେଁ ବସିବାପାଇଁ ଚୌକି,ଖାଦ୍ୟପାନୀୟର ଅବ୍ୟବସ୍ଥା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ପାଇଁ ଉପସ୍ଥିତ ଜନସାଧାରଣ ହୋହାଲ୍ଲା କରିବାସହ ସଭାସ୍ଥଳ ଛାଡି ଯାଉଥିବାର ଦୃଶ୍ୟ ସୂଚାଇ ଦେଉଥିଲା କି ବ୍ଲକ ପ୍ରଶାସନର ଅପାରଗତା ଯାହାକି ଦିନରେ ଭୋଟରଙ୍କୁ ଲାଣ୍ଠିନ ଦେଖାଇବା ଭଳି।ସବୁ ବିଭାଗରେ ହିନ୍ଦୋଳ ବ୍ଲକରେ ଦୁର୍ନୀତି ଚରମସୀମାରେ ଥିବାବେଳେ ସେସବୁକୁ ଘୋଡ଼େଇବାକୁ ଯାଇ ଏହିପରି ବିଫଳ କାର୍ଯ୍ୟକ୍ରମ କରି ଜନସାଧାରଣଙ୍କ ନଜର ହଟାଇବାକୁ ଅପଚେଷ୍ଟା ହିନ୍ଦୋଳବାସି ବୁଝିପାରି ତୀବ୍ର ସମାଲୋଚନା କରିଛନ୍ତି। ତେବେ ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ନେବାସହ ଏସବୁର ସମୀକ୍ଷା କରିବାକୁ ହିନ୍ଦୋଳ ର୍ନିବାଚନ ମଣ୍ଡଳୀ ବାସି ଅନୁରୋଧ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ




ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଗଜପତି ଷ୍ଟାଡିୟମ୍ସିଙ୍କୁ କଲ୍ୟାଣ ମଣ୍ଡପ ଠାରେ ମହାସମାରହୋରେ ପାଳିତ ହୋଇଯାଇଛି । ଏହି ଦିବସରେ ମାନ୍ୟବର ବିଧାୟକ ମୋହନା ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ସଭାପତି ଜିଲ୍ଲାପରିଷଦ,ଗଜପତି ,ଶ୍ରୀଯୁକ୍ତ କାମଦେବ ବଡ଼ନାୟକ, ଅଧକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ , ଗଜପତି, ପୃଥ୍ୱୀରାଜ ମଣ୍ଡଳ,ଅତିରିକ୍ତ ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଶ୍ରୀ ଅଶୋକ କୁମାର ପଟ୍ଟନାୟକ,ଜିଲ୍ଲା ପଞ୍ଚାୟତ ଅଧିକାରୀ ଗଜପତି, ଗଜପତି, ଶ୍ରୀମତୀ ଫଙ୍ଗଜେନି ଦଳେଇ ,ଉପ-ଅଧକ୍ଷା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଜପତି,ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଗୋସାଣୀ,ଶ୍ରୀ ଏନ୍. ବୀରରାଜୁ, ଅଧକ୍ଷ, ପଞ୍ଚାୟତ ସମିତି ଗୋସାଣୀ, ଶ୍ରୀ ଏସ.ବାଲା ରାଜୁ, ଜିଲ୍ଲା ପରିଷଦ ସଭ୍ୟ, ଗୋସାଣୀ, ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ମାନେ ନିଜ ନିଜ ଅଭିଭାଷଣ କହିଥିଲେ ଯେ ଜିଲ୍ଲାର ସମସ୍ତ ଜନସାଧାରଣ ମିଳିତ ଭାବେ କାର୍ଯ୍ୟ କଲେ ଗ୍ରାମ, ପଞ୍ଚାୟତ ଓ ଜିଲ୍ଲା ବିକାଶ ହୋଇ ପାରିବ। ସେହିପରି ସ୍ୱଚ୍ଛ, ସବୁଜ ପଞ୍ଚାୟତ ଗଠନ କରିବା ନିମନ୍ତେ ସମସ୍ତ ଜନସାଧାରଣ ଏକାଠି ହୋଇ କାମ କରାଇବାକୁ ଅତିଥିମାନେ କହିଥିଲେ। ସେହିପରି ଜିଲ୍ଲାରେ ଭଲ ପ୍ରଦର୍ଶନ କରିଥିବା ବ୍ଲକ୍,ଗ୍ରାମ ପଞ୍ଚାୟତ ଓ ଗ୍ରାମକୁ ବେଷ୍ଟ୍ ପୁରସ୍କାର ପ୍ରଦାନ କରାଯାଇଛି, ସେହିପରି ସ୍ୱଚ୍ଛ ଭାରତ ମିଶନ ତରଫରୁ ଗୋଷଣି ବ୍ଲକ୍ ର ଘୋରଣି ଗ୍ରାମ ପଞ୍ଚାୟତକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଜିଲ୍ଲାର ତିନି ଗୋଟି ଗ୍ରାମ ପଞ୍ଚାୟତକୁ ପୁରସ୍କାର କରାଯାଇଛି।ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣ କରିବା ନିମନ୍ତେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ଦିବସରେ ବିଭିନ୍ନ ବିଭାଗ ତରଫରୁ ଷ୍ଟଲ୍ ପ୍ରଦର୍ଶନୀ କରାଯାଇଥିଲା।ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରୀ ଟିମନ ।ରା, ଡିପିଏମ, ଓଏଲଏମ ଗଜପତି,ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ,ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ଅଙ୍ଗନୱାଡ଼ି କର୍ମୀ ଓ ଜନପ୍ରତିନିଧି ସମେତ ଜିଲ୍ଲାପରିଷଦ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ପ୍ରଧାନ ଜିଲ୍ଲାରେ ନାହିଁ ଶୀତଳଭଣ୍ଡାର



ନବରଙ୍ଗପୁର : ଧାନ, ମକା, ଆଖୁ, ପନିପରିବା, ପିଆଜ, ଆଳୁ, ତେଲବୀଜ, ଡାଲି ଜାତୀୟ ପସଲ ଆଦି ଉତ୍ପାଦନ କରିବା ଓ ଜଙ୍ଗଲ ଜାତ ଦ୍ରବ୍ୟ, ତେନ୍ତୁଳି ଆଦି ସ୍ଥଗ୍ରହ କରି ବିକ୍ରି କରିବା କ୍ଷେତ୍ରରେ ନବରଙ୍ଗପୁରଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ଏତେ ସବୁ ଚାଷ କରି ମଧ୍ୟ ଏଠାକାର ଚାଷୀମାନେ ଏସବୁକୁ ସାଇତି ରଖି ଚଢ଼ାଦରରେ ବା ଲାଭ ଆସିବା ସମୟରେ ବିକ୍ରି କରିନାହାନ୍ତି।ସବୁ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ପାଇଁ ସବୁ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ହେଁ ଜିଲ୍ଲାରେ ଗୋଟିଏ ମଧ୍ୟ ଶୀତଳଭଣ୍ଡାର ନାହିଁ। ସରକାରୀ ଭାବେ ଏହାକୁ ସ୍ଥାପନ କରିବା ଦିଗରେ ରାଜନେତିକ ନେତା ମାନଙ୍କର ଇଚ୍ଛାଶକ୍ତି ନଥିବା ସ୍ଥପୂର୍ଣ୍ଣ ରୁପେ ପରିଲକ୍ଷିତ ହୋଇଛି। ଜିଲ୍ଲାରେ ବସବାସ କରୁଥିବା ୧୩ଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରାୟ ୭ଲକ୍ଷ ଲୋକ କୃଷି ଉପରେ ର୍ନିଭର। ଜିଲ୍ଲାର ମୋଟ ୧ଲକ୍ଷ ୭୪ହଜାର୩୨୭ହେକ୍ଟର ଜମିରେ ଚାଷ ହୋଇଛି। ଏଥିରେ ଧାନ ୯୯୨୧୭ , ମକା ୬୧୪୨୧, ଡାଲି ଜାତୀୟ ୨୭୧୪ହେକ୍ଟର, ତେଲବୀଜ ୨୪୬, ପନିପରିବା ୧୩୦୯ ହେକ୍ଟର, ମସଲା ୫୪୫ହେକ୍ଟର, ଆଖୁ ୪୦୦୦ ହେକ୍ଟର ଓ ମିଲେଟସ୍ ଜାତୀୟ ୪୩୫୯ ହେକ୍ଟରରେ ଚାଷ ହେଉଛି। ଖାସ୍ କରି ଶୀତଳଭଣ୍ଡାରରେ ଆଳୁ, ପିଆଜ, ତେନ୍ତୁଳି, ବନଜାତ ଦ୍ରବ୍ୟ, ମକାପୁଜି , ମହୁଲଫୁଲ, ଶାଳପୁଜି, ପନିପରିବା ଆଦି ଜମା କରି ରଖିହେବ। କିନ୍ତୁ ଜିଲ୍ଲାର ଚାଷୀଙ୍କ ପାଇଁ ଶୀତଳଭଣ୍ଡାର ନଥିବା ନିଶ୍ଚିତ ରୁପେ ଦୁଃଖ ଦାୟକ ଘଟଣା।ଏହାର ସୁଯୋଗରେ ଆନ୍ଧ୍ର, ଛତିଶଗଡର ବ୍ୟବସାୟୀ ଓ ଦଲାଲ ମାନେ ଗାଁକୁ ଗାଁ ବୁଲି ଋତୁକାଳୀନ ଖାଦ୍ୟ ଯେଭଳି ତେନ୍ତୁଳି ଓ ଆମ୍ବ ଗଛ ସହ କିଣୁଛନ୍ତି। ବନ୍ୟଜାତଦ୍ରବ୍ୟ ଗାଁର ଘରକୁ ଘର ଯାଇ ସଂଗ୍ରହ କରି ତୁରନ୍ତ ପଇସା ଦେଉଛନ୍ତି। ଜିଲ୍ଲାରେ ଗତ ଦଶନ୍ଧିଧରି ବିଦ୍ୟୁତ ସମସ୍ୟା ଯୋଗୁଁ ଏହା କରିବା ସମ୍ଭବ ପର ହୋଇନଥିବା ଜେନେକ ଯୁବ ଉଦ୍ୟୋଗୀ କହିଛନ୍ତି। ସେପରି ବହୁ ଯୁବଉଦ୍ୟୋଗୀ ଏହା ସ୍ଥାପନ କରିବାକୁ ଆସିବା ପରେ ମଧ୍ୟ ସରକାରୀ ଭାବେ ଯେଭଳି ପ୍ରସ୍ଥାହନ ଦେବା କଥା ତଥା ବ୍ୟାଙ୍କ ସହ ଲିଙ୍କେଜ୍ କରାଇ ଋଣ ଆଦି କରିବା କଥା କିଛି ନ କରିବା ଫଳରେ ବହୁ ଯୁବ ଉଦ୍ୟୋଗୀ ଏହା କରିବାକୁ ଚାହିଁ ମଧ୍ୟ କରିନଥିବା କହିଛନ୍ତି।ତେବେ ଜିଲ୍ଲା କୃଷି ପ୍ରଧାନ ଜିଲ୍ଲା ଭାବେ ପରିଚିତ ଥିଲେ ହେଁ ପ୍ରଶାସନ ଉତ୍ତମ ବଜାର ଓ ଏସବୁ ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ଦୀର୍ଘ ଦିନ ଧରି ସାଇତି ରଖିବା ବ୍ୟବସ୍ଥା ନଥିବାରୁ ବାଧ ହୋଇ କମ୍ ଦରରେ ବିକ୍ରି କରୁଛନ୍ତି। ଉମରକୋଟରେ ଗୋଟିଏ ଘରୋଇ ଶୀତଳଭଣ୍ଡାର ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଦ୍ୟୋଗୀ ଚାହିଁଲେ କୋଟିଏ ଟଙ୍କା ଯାଏଁ ସବସିଡି ମିଳିବ ବୋଲି ଭାରପ୍ରାପ୍ତ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ବିଶ୍ୱାସ କହିଛନ୍ତି। ତତ୍କାଳୀନ ବିଜେଡି ସରକାର ପୂର୍ବରୁ ଉପଖଣ୍ଡଓ ବ୍ଲକସ୍ତରରେ ଗୋଟିଏ ଲେଖାଏଁ ସ୍ଥାପନ କରିବାକୁ ଘୋଷଣା କରିଥିବା ବେଳେ ନୂଆ ସରକାର ମନା କରିଥିବା କହିଛନ୍ତି ଉପକୃଷି ନିର୍ଦ୍ଦେଶକ। ଯଦି କେଣସି ଉଦ୍ୟୋଗୀ ଉଦ୍ୟାନ ବିଭାଗକୁ ଯୋଗାଯୋଗ କଲେ ଶୀତଳଭଣ୍ଡାର ସ୍ଥାପନ କରାଇବା ଦିଗରେ ସମ୍ପୁର୍ଣ୍ଣ ସହଯୋଗ କରାଯିବ ବୋଲି କହିଛନ୍ତି ଶ୍ରୀ ବିଶ୍ୱାସ।

# ଜିଲ୍ଲାସ୍ତରୀୟ ରବିଧାନ ସଂଗ୍ରହ କମିଟି ବୈଠକ

କଳାହାଣ୍ଡି/ମହାଭାରତ : କଳାହାଣ୍ଡି ଜିଲ୍ଲାରେ ରବିଧାନ ସଂଗ୍ରହ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ରବିଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଆସନ୍ତା ମେ ୨୦ ତାରିଖରୁ ରବି ଧାନ ସଂଗ୍ରହ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ଚାଷୀ ଏବଂ ମିଲର୍ସ ମାନଙ୍କର ରହିଥିବା କିଛି ସମସ୍ୟା ଓ ତାର କିପରି ସରଳ ସମାଧାନ କରିଯିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।ଜିଲ୍ଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା କିପରି ସୁଚାରୁରୂପେ ପରିଚାଳନା କରାଯିବ ସେ ଦିଗରେ ସମସ୍ତ ମିଲର୍ସ ଚାଷୀଙ୍କର ପୂର୍ଣ୍ଣ ସହଯୋଗ ରହିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ଚଳିତ ୨୦୨୫-୨୬ ବର୍ଷରେ ରବି ଧାନ ବିକ୍ରୟ କରିବା ପାଇଁ ୫୬,୬୩୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ଗତ ବର୍ଷ ରବିଧାନ ବିକ୍ରୟ ପାଇଁ ୪୮,୮୧୮ ଜଣ ଚାଷୀ ପଞ୍ଜୀକରଣ କରିଥିଲେ ଫଳରେ ଗତ ବର୍ଷ ଠାରୁ ୭୮୨୧ ଜଣ ଅଧିକ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି ସେହିପରି ଜିଲ୍ଲାରେ ଚଳିତ ବର୍ଷ ୯୩ ଟି ଧାନକ୍ରୟ କେନ୍ଦ୍ର କରାଯାଇଥିବା ବେଳେ ୨୬ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ ଏହା ସହ ଧାନ ଉଠାଣରେ ଏଥର ୯୭ ରାଇସ ମିଲ୍ସ କୁ ନିଯୋଜିତ କରାଯାଇଛି । ଏହି ବୈଠକରେ ମୁଖ୍ୟ ଉନ୍ନୟନ ତଥା ର୍ନିବାହୀ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଡି.ଆର୍.ସି.ଏସ୍. ସ୍ୱରୂପ କୁମାର କର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଡି.ଏମ୍. ଏଫ୍.ସି.ଆଇ. ପ୍ରଫୁଲ୍ଲ କୁମାର ସାହୁ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଦୁର୍ଗା କେଶରୀ, ବିଧାୟକଙ୍କ ପ୍ରତିନିଧି, ଚାଷୀଙ୍କ ପ୍ରତିନିଧି, ମିଲର୍ସ, ପ୍ୟାକ୍ସ ଆର୍.ଏମ୍.ସି. ର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଉପଜିଲ୍ଲାପାଳ ଭବାନୀପାଟଣା ଶ୍ରୀ ପରିଡ଼ା ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏରସମାରେ ଆମ ପୋଲିସ ସମିତି




ଏରସମା,(ମହାଭାରତ):ଏରସମା ଅଁଞ୍ଚଳରେ ଆଇନ ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ଏରସମା ପୋଲିସ ପକ୍ଷରୁ 'ଆମ ପୋଲିସ ସମିତି'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏସଡିପିଓ ଅଜୟ କୁମାର ଦାସ ଓ ନୂତନ ଥାନା ଅଧିକାରୀ ପାର୍ଥ ପ୍ରତିମ୍ ବେଉରା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସର୍ବପ୍ରଥମେ ନୂତନ ଥାନା ଅଧିକାରୀ ପାର୍ଥ ପ୍ରତିମ୍ ବେଉରା ଆମ ପୋଲିସ ସମିତିକାର୍ଯ୍ୟ କଳାପ ବିଷୟରେ ଆଲୋଚନା କରିଥିଲେ।ଉକ୍ତ ବୈଠକରେ ପୋଲିସ ଅଧିକାରୀ,୧୯ ପଞ୍ଚାୟତ ରୁ ଆସିଥିବା ସ୍ଥାନୀୟ ପ୍ରତିନିଧ,ସାଧାରଣ ନାଗରିକ,ବରିଷ୍ଠ ନାଗରିକ,ସାମ୍ବାଦିକ ବନ୍ଧୁମାନେ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା ଓ ସେଗୁଡିକର ସମାଧାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ।ଏ ବୈଠକରେ ଶାନ୍ତପୂର୍ଣ୍ଣ ଓ ସୁସ୍ଥ ସମାଜ ଗଠନ ପାଇଁ ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ଭଳି ମାଦକ ଦ୍ରବ୍ୟର ବ୍ୟବହାର ଓ ବ୍ୟାପାରକୁ କଠୋର ଭାବେ ନିୟନ୍ତ୍ରଣ କରିବା ଉପରେ ଜୋର ଦିଆଯାଇଥିଲା।ଏହି ଅଭିଯୋଗକୁ ଆହୁରି ତେଜ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସେହିପରି ସଡ଼କ ଦୁର୍ଘଟଣା ସମସ୍ୟାକୁ ନେଇ ମଧ୍ୟ ଗଭୀର ଚର୍ଚ୍ଚା ହୋଇଥିଲା। ବିଶେଷକରି ଯାତାୟତ ସମୟରେ ମୋବାଇଲ ଫୋନ ବ୍ୟବହାର ଓ ଅତ୍ୟଧିକ ଗତିରେ ଗାଡି ଚଳାଇବାକୁ ଦୁର୍ଘଟଣାର ପ୍ରମୁଖ କାରଣ ଭାବେ ଉଲ୍ଲେଖ କରାଯାଇଥିଲା।ଏହାକୁ ରୋକିବା ପାଇଁ ସଚେତନତା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଅଧିକାରୀ କହିଛନ୍ତି। ଅସାମାଜିକ ଓ ଅନୈତିକ କାର୍ଯ୍ୟକଳାପକୁ ରୋକିବା ନିମନ୍ତେ ବିଶେଷ ଯୋଜନା ପ୍ରସ୍ତୁତ କରାଯାଇଥିବା ସହ ବୃଦ୍ଧି ପାଉଥିବା ସାଇବର କ୍ରାଇମ ଓ ଅନଲାଇନ୍ ଠକେଇ ମାମଲା ଉପରେ ସଚେତନତା ଜାଗୃତ କରିବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ମହିଳା, ଶିଶୁ ଓ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତାଙ୍କ ପ୍ରତି ହେଉଥିବା ଅପରାଧକୁ ନିଷ୍ପରି ନିଆଯାଇଥିଲା। ସେହିପରି ଚୋରି ଓ ଡକାୟତି ଭଳି ଅପରାଧକୁ ରୋକିବା ପାଇଁ ରାତ୍ରି ପ୍ୟାଟ୍ରୋଲିଂ ବୃଦ୍ଧି, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜରରଖିବା ଓ ସାଧାରଣ ଲୋକଙ୍କ ସହଯୋଗକୁ ଆହୁରି ମଜବୁତ କରାଯିବ ବୋଲି ପୋଲିସ ଯୋଜନା କରିଛି। ସମଗ୍ର ଭାବେ 'ଆମ ପୋଲିସ ସମିତି' ବୈଠକ ମାଧ୍ୟମରେ ସମାଜରେ ଶାନ୍ତି, ସୁରକ୍ଷା ଓ ସମନ୍ୱୟ ବଢ଼ାଇବାକୁ ପୋଲିସ ଆଶା ପ୍ରକାଶ କରିଛି।

# ପତ୍ନୀହନ୍ତା ସ୍ୱାମୀଙ୍କୁ ୭ବର୍ଷର ସଶ୍ରମ କାରାଦଣ୍ଡ

## ୩ଝିଅଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ନିର୍ଦ୍ଦେଶ

ଗଜପତି(ମହାଭାରତ):ସାମାନ୍ୟ ବଚସାକୁ କେନ୍ଦ୍ର କରି ଦାଆରେ ବେକ କାଟି ନିଜ ଧର୍ମପତ୍ନୀଙ୍କୁ ହତ୍ୟା କରିବା ଭଳି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ସେସନ ଜଜ ବିଭୁ ପ୍ରସାଦ ପଣ୍ଡା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୦୪ରେ ଗାରାବନ୍ଧ ଥାନା ଅନ୍ତର୍ଗତ ଅଡାଗାଁର ଅଭିଯୁକ୍ତ ଗଙ୍ଗା ବଡ଼ମୁଣ୍ଡି (୫୦ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ଛଅ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୨୯-୧୨-୨୦୨୧ରିଖରେ ଯେତେବେଳେ ମୃତ ସ୍ତ୍ରୀ ସଜନୀ ବଡ଼ମୁଣ୍ଡି ଓ ଅଭିଯୁକ୍ତ ସ୍ୱାମୀ ଗଙ୍ଗା ବଡ଼ମୁଣ୍ଡି ବିଲରୁ କାମ ସାରି ଘରକୁ ଫେରିଲେ ସେହି ଦିନ ରାତି ୯ଟା ସମୟରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଅଭିଯୁକ୍ତ ଜଣଙ୍କ ମୃତକଙ୍କ ବେକକୁ ଦାଆରେ ଆକ୍ରମଣ କରିଥିଲେ ଓ ପରେ ଏହି ଆକ୍ରମଣରେ ସଜନୀ ବଡ଼ମୁଣ୍ଡି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ପରେ ଏହି ଘଟଣାକୁ ନେଇ ମୃତକଙ୍କର ଭାଇ ମଙ୍ଗଳ ମାଝି ଅଭିଯୁକ୍ତଙ୍କ ନାଁରେ ଗାରାବନ୍ଧ ଥାନାରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସଙ୍ଗିନ ମାମଲା ଦାୟର କରିଥିଲେ ଯାହାକି ମାମଲା ନମ୍ବର ୧୦୫/୨୧ରେ ପଞ୍ଜିକୃତ ହୋଇଥିଲା। ମାମଲାର ଗମ୍ଭୀରତାକୁ ନଜରରେ ରଖି ତତ୍କାଳୀନ ଥାନାଧିକାରୀ ସର୍ବେଶ୍ୱର ସାମନ୍ତରାୟ ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚଲାଣ କରିଥିଲେ। ଆଜି ୧୫ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ଦସ୍ତାବିଜକୁ ଆଧାର କରି ମାନ୍ୟବର ନ୍ୟାୟାଧୀଶ ଅଭିଯୁକ୍ତଙ୍କୁ ୭ବର୍ଷର ସଜା ଶୁଣାଇବା ସହ ଏହି ମାମଲାରେ ଥିବା ପ୍ରତ୍ୟକ୍ଷଦର୍ଶୀ ମୃତକଙ୍କ ତିନି ଝିଅଙ୍କ ଭବିଷ୍ୟତକୁ ନଜରରେ ରଖି ସେମାନଙ୍କୁ ୩ଲକ୍ଷ ଟଙ୍କା (ଜଣ ପିଛା ୧ଲକ୍ଷ ଟଙ୍କା) ଦେବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।ସୂଚନାଯୋଗ୍ୟ, ମୃତକଙ୍କର ଜଣେ ଦିବ୍ୟାଙ୍ଗ ମୁକ ତଥା ବଧିର ଝିଅର ଦେଖାରେଖା କରିବା ନିମନ୍ତେ ଆଉ କେହି ନଥିବାରୁ ତଥା ଏହି ଅଭାବନୀୟ କାଣ୍ଡ ଅତର୍କିତ ଭାବେ ହୋଇଥିବାରୁ ଓ ଅଭିଯୁକ୍ତଙ୍କର ପୂର୍ବରୁ ଅନ୍ୟ କୋଣସି ମାମଲାରେ ସମ୍ପୃକ୍ତି ନଥିବା କଥାକୁ ବିଚାରକୁ ନେଇ ମାନ୍ୟବର ବିଚାରପତି ଏ ଭଳି ସଜା ଶୁଣାଇଛନ୍ତି।

## ଦଶପଲ୍ଲା ବ୍ଲକ ପରିସରରେ ଜାତୀୟ ପଂଚାୟତ ରାଜ ଦିବସ ପାଳିତ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ପରିସରରେ ଜାତୀୟ ପଂଚାୟତ ରାଜ ଦିବସ ୨୦୨୬ ଉତ୍ସାହର ସହିତ ପାଳନ କରାଯାଇଛି। ବିଡ଼ିଓ ଶରତ କୁମାର ମଲିକଙ୍କ ତ□ାବଧାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ ଓ ଦଶପଲ୍ଲା ସିଏଚସିର ଡାକ୍ତର ଜ୍ୟୋତିମୟୀ ପଣ୍ଡା ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ।ଏହି ଅବସରରେ ପଂଚାୟତ ରାଜ ବ୍ୟବସ୍ଥାର ଗୁରୁତ୍ୱ, ଗ୍ରାମୀଣ ଉନ୍ନତିରେ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାମାନଙ୍କ ଭୂମିକା ଓ ଲୋକମାନଙ୍କ ସହଭାଗୀତା ବିଷୟରେ




ଅତିଥିମାନେ ମତାମତ ରଖିଥିଲେ। ସେମାନେ କହିଥିଲେ ଯେ ପଂଚାୟତ ରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମ ମାନଙ୍କର ସମଗ୍ର ଉନ୍ନତି ସମ୍ଭବ ହୋଇପାରେ ଓ ଲୋକମାନେ ସକ୍ରିୟ ଭାବେ ଏଥିରେ ଯୋଗଦେବା ଆବଶ୍ୟକ।କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂସାହାଯ୍ୟ ଗୋଷ୍ଠୀ, ଜନପ୍ରତିନିଧି,ପି ଆର ଆଇ ମେମ୍ବର,ସରକାରୀ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଯୋଗଦେଇଥିଲେ। ଶେଷରେ ସମସ୍ତଙ୍କୁ ପଂଚାୟତ ରାଜ ମୂଲ୍ୟବୋଧକୁ ଅନୁସରଣ କରି ଗ୍ରାମ ଉନ୍ନତିରେ ସହଭାଗୀ ହେବାକୁ ଆହ୍ୱାନ କରାଯାଇଥିଲା।

## ଜାତୀୟ ପଞ୍ଚାୟତରାଜ ଦିବସ ପାଳନ

ବାଲିପାଟଣା,(ମହାଭାରତ)ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଆଜି ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ପଞ୍ଚାୟତରାଜ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷା ରାଜଲକ୍ଷ୍ମୀ ଜେନା,ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ,ସାଂସଦ ଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ,ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାସ,ସରପଞ୍ଚ ବାହାନ ଭୋଇ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।କାର୍ଯ୍ୟକ୍ରମ ରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ରୁ ସମଗ୍ର ଓଡିଶା ବାସୀ ଙ୍କୁ ଉଦବୋଧନ ଦେଇଥିଲେ। ପଞ୍ଚାୟତ ର ସରପ□,ସମିତି ସଭ୍ୟ,ଓ୍ୱାର୍ଡ ସଭ୍ୟ,ଅଙ୍ଗନୱାଡ଼ି କର୍ମୀ,ମହିଳା ସଂଗଠନ ର କର୍ମକର୍ତ୍ତା ଓ ସରକାରୀ ଅଧିକାରୀ ମାନେ ଆଜି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।ବ୍ଲକ ପ୍ରଶାସନ ତରଫରୁ ହିତାଧିକାରୀ ମାନଙ୍କୁ ଅନ୍ତୋଦୟ ଗୃହ ର୍ନିମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ ସହିତ ଜନପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ପ୍ରଭାତ କୁମାର ଜେନା,ନେତ୍ରାନନ୍ଦ ବେହେରା,ଦିବ୍ୟରଞ୍ଜନ ମହାପାତ୍ର,ହରପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ରାଇଘର ଗଣ୍ଡା ସମାଜ ପାଇଁ ଗୌରବ ଆଣିଲେ ମାଖାନ ସୁନା

ରାଇଘର ବ୍ଲକ(ମହାଭାରତ) ରେ ଆଜି ଆମେ ରାଇଘର ଅଞ୍ଚଳର ମୂଳନିବାସୀ ନିଶ୍ଚିତ ଭାବରେ ଗର୍ବିତ କାରଣ ଦିନକୁ ଦିନ ଦେଖାଯାଉଛି ପଲ୍ଲୀରୁ ଦିଲ୍ଲୀ ତଥା ପଙ୍କରୁ ପଦ୍ମ ପରି ଓଡିଶାପ୍ରଦେଶର ଉପାନ୍ତଏହି ରାଇଘର ମାଟିରୁ ନିଜର କଠିନ ପରିଶ୍ରମ ଏବଂ ପ୍ରଚେଷ୍ଟା ଫଳରେ ଛାତ୍ରଛାତ୍ରୀମାନେ ସଫଳତା ସାଉଁଟି ବହୁତ ଦୂରକୁ ଆଗେଇଲେଣି । ସେହିପରି ଆମ ରାଇଘର ବ୍ଲକ ଯୋଡ଼ିଙ୍ଗା ପଞ୍ଚାୟତ ଯୋଡିଙ୍ଗା ଗ୍ରାମର ବାପା ଜଗବନ୍ଧୁ ସୁନା ଏବଂ ମା ସୋନବତି ସୁନା ଙ୍କ ପୁଅ-ମାଖନ ସୁନା ହାଇସ୍କୁଲର ସରକାରୀ ହିନ୍ଦୀ ଶିକ୍ଷକ ଚୟନ ହୋଇଛନ୍ତି। ସେ ଏ ଅଞ୍ଚଳରେ ନିଜକୁ ପ୍ରତିଷ୍ଠିତ କରିବା ସହିତ ସର୍ବ ସମ୍ମୁଖରେ ଆମ ଏ ଅଞ୍ଚଳର ମୂଳ ନିବାସୀ ତଥା ଗଣ୍ଡା ସମାଜ ସୁନା ବଂଶ ପାଇଁ ଗୌରବ ଅର୍ଜନ କରିଛନ୍ତି। ଏହା ଆମ ମୂଳନୀବାସୀ ତଥା ଅଞ୍ଚଳ ପାଇଁ ଅତ୍ୟନ୍ତ ଖୁସିର ବିଷୟ ତେଣୁ କୃତିତ୍ୱ ହାସଲ କରିଥିବା ମାଖନ ସୁନା ଓ ତାଙ୍କ ପିତାମାତାଙ୍କୁ ମଧ୍ୟ ଆମ ରାଇଘର ବ୍ଲକ ଗାଣ୍ଡାସମାଜ ଓ ସୁନାନୀ ପରିବାର ତରଫରୁ ନ୍ୟୁଜ୍ ମାଧ୍ୟମରେ ଶୁଭେଚ୍ଛା ଜୟ ଗଣ୍ଡା ସମାଜ ଓ ଗାଡ଼ା ଗାଡ଼ା ସେଓ୍ୱା ଜୋହାର, ଜୟ ଭୀମ ଜୟ ମୂଳ ନିବାସୀ ଜଣାଇ ଛନ୍ତି।

## ନାରୀ ଶକ୍ତି ବନ୍ଦନ ଅଧିନିୟମ ବିରୋଧକୁ ନେଇ ବର୍ଷିଲେ ଅରୁଣିମା ସାହୁ




ମୋଦି ସରକାର ନାରୀ କେବଳ ଘର ଭିତରେ ସୀମିତ ନରଖି ଦେଶର ବିକାଶରେ ସାମିଲ କରିବାକୁ ସଦା ତତ୍ପର। ଆଉ ପାଦେ ଆଗକୁ ଯାଇ ନାରୀ ମାନଙ୍କୁ ରାଜନୀତି ରେ ଅଧିକ ସଶକ୍ତ କରିବା ଦୃଷ୍ଟି ନେଇ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଣିଥିଲେ। ହେଲେ ବିରୋଧୀ ଦଳ ମାନେ ଏହାକୁ ଆଣିବା ପାଇଁ ଦେଲାନାହିଁ।ଏହା କି ପ୍ରକାର ମାନସିକତା ? ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ କେନ୍ଦ୍ର ମୁଖ୍ୟ ବିରୋଧି ଦଳ କଂଗ୍ରେସ ଓ ରାଜ୍ୟ ର ମୁଖ୍ୟ ବିରୋଧି ଦଳ ବିଜେଡି ଓ ତାଙ୍କ ସହ ହାତ ମିଳାଇ ଏହି ଅଧିନିୟମ କୁ ବିରୋଧ କରିଥିବା ସବୁ ଦଳ ମହିଳା ମାନଙ୍କୁ ପଛରେ ରଖିବାକୁ ସବୁ ବେଳେ ଚେଷ୍ଟା କରୁଛନ୍ତି। ମହିଳା ମାନଙ୍କ ପାଇଁ ସଂରକ୍ଷଣ କରିବା ଦ୍ୱାରା ସେହି ଦଳ ମାନେ କ୍ଷତି ସହ ସେମାନଙ୍କ ସ୍ୱାର୍ଥ ପୂରଣ ହେବାର ଆଶଙ୍କା ରେ ଏହି ଅଧିନିୟମ ବିରୋଧ କରିଥିଲେ। ସେହି ଦଳ ର ନେତା ଓ ନେତ୍ରୀ ମାନେ ସବୁ ବେଳେ ମହିଳା କେବଳ ଚୁଲି ମୁଣ୍ଡ ରେ ହିଁ ରୁହନ୍ତୁ ଦେଶ ଓ ସମାଜ ର ବିକାଶରେ ସାମିଲ ନକରିବା ହିଁ ବିରୋଧୀ ଦଳ ମାନଙ୍କ ହୀନ ରାଜନୀତି ବୋଲି ଏକ ସାମ୍ବାଦିକ ବାର୍ତ୍ତା ରେ କହିଛନ୍ତି ଗଜପତି ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଅରୁଣିମା ସାହୁ, ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ନବ କିଶୋର ଶବର, ବରିଷ୍ଠ ନେତ୍ରୀ ପି. ଲତା ପ୍ରମୁଖ ଦଳୀୟ କାର୍ଯ୍ୟାଳୟ ଠାରେ ଏହି ଅବସରରେ ଉପସ୍ଥିତ ଥିଲେ।

# ପଶ୍ଚିମବଙ୍ଗ ଓ ତାମିଲନାଡୁରେ ମତଦାନ ରେକର୍ଡ, ପଶ୍ଚିମବଙ୍ଗରେ ୯୦ % ଓ ତାମିଲନାଡୁରେ ୮୨ % ଭୋଟ୍



କୋଲକାତା : ପ୍ରବଳ ଖରା ସତ୍ତ୍ୱେ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ଭୋଟ ବର୍ଷା । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁର ସମସ୍ତ ଆସନ ପାଇଁ ଭୋଟ୍ ଗ୍ରହଣ ଶେଷ ହୋଇଛି । ପ୍ରବଳ ଖରା ସତ୍ତ୍ୱେ ଭୋଟରମାନେ ବହୁ ସଂଖ୍ୟାରେ ବାହାରି ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଅପରାହ୍ଣ ୫ଟା ସୁଦ୍ଧା ପଶ୍ଚିମବଙ୍ଗରେ ୮୯.୯୩% ମତଦାନ ରେକର୍ଡ । ଦକ୍ଷିଣ ଦିନାଜପୁର ଓ ଝାଡ଼ଗ୍ରାମ ଭଳି ଜିଲ୍ଲାରେ ୮୦ ପ୍ରତିଶତରୁ ଅଧିକ ଭୋଟ୍ ରେକର୍ଡ କରାଯାଇଛି । ପଶ୍ଚିମବଙ୍ଗରେ ମୋଟ ୧,୪୭୮ ଜଣ ପ୍ରାର୍ଥୀ ମୈଦାନରେ ଅଛନ୍ତି । ଏଠାରେ ମୁଖ୍ୟତଃ ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ବିଜେପି (ଭାଜପା) ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳୁଛି । ବଙ୍ଗଳାର ଦକ୍ଷିଣ ଦିନାଜପୁରରେ ୮୧.୪୯ ପ୍ରତିଶତ , ଝାଡ଼ଗ୍ରାମରେ ୮୧.୦୪ ପ୍ରତିଶତ ଏବଂ ବୀରଭୂମରେ ୮୦.୨୨ପ୍ରତିଶତ ସବୁଠାରୁ ଅଧିକ ଭୋଟ୍ ପଡ଼ିଛି । ସେହିଭଳି ତାମିଲନାଡୁରେ ୨୩୪ ଆସନ ପାଇଁ ଏକକ ପର୍ଯ୍ୟାୟରେ ମତଦାନ ହୋଇଛି । ଯେଉଁଥିରେ ପ୍ରାୟ ୭୦ ପ୍ରତିଶତ ଭୋଟର ଅଂଶଗ୍ରହଣ କରିଛନ୍ତି । ତାମିଲନାଡୁର ୨୩୪ ଆସନରେ ଅପରାହ୍ଣ ୫ଟା ସୁଦ୍ଧା ୮୨.୨୪% ଭୋଟିଂ । ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ ଏବଂ ଅଭିନେତା ବିଜୟଙ୍କ ଭଳି ପ୍ରମୁଖ ନେତାମାନେ ଭୋଟ୍ ଦେଇଛନ୍ତି । ଏଠାରେ ୫.୭୩ କୋଟିରୁ ଅଧିକ ଭୋଟର ଅଂଶଗ୍ରହଣ କରିଥିଲେ ।

ଏଥର ଡିଏମକେ (ଡିଏମକେ), ଏଆଇଏଡିଏମକେ (ଏଆଇଏଡିଏମକେ) ସହ ସୁପରଷ୍ଟାର ବିଜୟଙ୍କ ନୂଆ ଦଳ ଟିଭିକେ (ଟିଭିକେ) ମଧ୍ୟରେ କଡ଼ା ଲଢ଼େଇ ହେଉଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ, ଉଦୟନିଧି ଷ୍ଟାଲିନ ଏବଂ ଅଭିନେତା ବିଜୟଙ୍କ ଭଳି ବହୁ ପ୍ରମୁଖ ବ୍ୟକ୍ତି ନିଜର ଭୋଟ୍ ଦେଇ ଗଣତନ୍ତ୍ରର ପର୍ବରେ ସାମିଲ ହୋଇଥିଲେ । ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ପଶ୍ଚିମବଙ୍ଗରେ ୨.୪ ଲକ୍ଷରୁ ଅଧିକ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିଲା । ପଶ୍ଚିମବଙ୍ଗର ମୁର୍ଶିଦାବାଦ ଓ ଆସାନସୋଲରେ କିଛି ସ୍ଥାନରେ ଛୋଟ ଧରଣର ଗଣ୍ଡଗୋଳ ହୋଇଥିବା ବେଳେ ତାମିଲନାଡୁରେ ଜଣେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ଖବର ମିଳିଛି । ଉଭୟ ରାଜ୍ୟର ଭାଗ୍ୟ ବର୍ତ୍ତମାନ ଇଭିଏମ୍ (ଇଭିଏମ) ମେସିନରେ ବନ୍ଦ ହୋଇଛି । ଆସନ୍ତା ମଇ ୪, ୨୦୨୬ ରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା ହେବ ।

# କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏବଂ ତାଙ୍କ ପରିବାରକୁ ହତ୍ୟା ଧମକ

ମୁମ୍ବାଇ : କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏବଂ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ମିଳିଛି ଧମକ । ଧମକ ମିଳିବା ପରେ ନାଗପୁର ପୋଲିସ ଅଭିଯୁକ୍ତ ବିରୁଦ୍ଧରେ ମାମଲା ଦାୟର କରି ତାଙ୍କୁ ଗିରଫ କରିଛି । ପୋଲିସ କହିବା ମୁତାବକ, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦିଲ୍ଲୀର ନାଙ୍ଗଲୋଇ ନିବାସୀ ସୁମିତ କୁମାର ଚୌହାନ ନାଗପୁର କୌଣସି ବ୍ୟକ୍ତିଗତ କାମରେ ଯାଇଥିଲେ । ନାଗପୁରର ଯଶବନ୍ତ ଷ୍ଟାଡିୟମ ଅଞ୍ଚଳରେ ଥିବା ବେଳେ ସେ ଫେସବୁକରେ ସନାତନୀ ଶେର ନାମ ଏକ ଆକାଉଣ୍ଟରେ ଏକ ଭିଡିଓ ଅପଲୋଡ ହୋଇଥିବା ଦେଖିବାକୁ ପାଇଥିଲେ । ଏହି ଭିଡିଓରେ ବ୍ୟକ୍ତି ଜଣକ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଏବଂ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ମିଳିଛି । ଅଭିଯୁକ୍ତ ଜଣକ ଗଡକରୀଙ୍କ ପରିବାର ପ୍ରତି ଆପତ୍ତିଜନକ ଭାଷା ବ୍ୟବହାର କରି ଧମକ ଦେଇଛନ୍ତି । ଆଉ ଏହି ଭିଡିଓକୁ ଲିଙ୍କ କରି ଅନ୍ୟ ଏକ ଭିଡିଓରେ ଧାର୍ମିକ ଭାବନା ଉସୁକାଇବା ଏବଂ ବିଭିନ୍ନ ସଂପ୍ରଦାୟ ମଧ୍ୟରେ ତିକ୍ତତା ଆଣିବା ପାଇଁ ବୟାନ ସାମ୍ନାକୁ ଆସିଥିଲା । ଏହାରର ଦେଖିବା ପରେ ବ୍ୟକ୍ତି ଜଣକ ଧନତୋଲୀ ପୋଲିସ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲାକୁ ଗମ୍ଭୀରତାର ସହିତ ଗ୍ରହଣ କରି ଯାଞ୍ଚ ଆରମ୍ଭ କରିଥିଲେ । ଅଭିଯୁକ୍ତ ଜଣକ ନାଗପୁର ନିବାସୀ ଆୟୁଷ ରମେଶ ଚନ୍ଦ୍ର ଅଗ୍ରୱାଲ, ମହାଲକ୍ଷ୍ମୀ ନଗର ମାନେୱାଡା ଛକର ନିବାସୀ ବୋଲି ଜଣାପଡିଛି । ଭିଡିଓ ନାଗପୁରରୁ ପୋଷ୍ଟ କରାଯାଇଛି । ଆୟୁଷ ନକଲି ଆଇଡି ବ୍ୟବହାର କରି ସୋସିଆଲ ମିଡିଆରେ ଉତ୍ତେଜନାମୂଳକ ପୋଷ୍ଟ କରିଥିଲେ । ଏବେ ପୋଲିସ ଗିରଫ କରି ମାମଲାର ଯାଞ୍ଚ କରୁଛି ।

# ଯୁଦ୍ଧ ଜାରି ରଖିବାକୁ ଟ୍ରମ୍ପଙ୍କ ପାଖରେ ସପ୍ତାହେ ସମୟ- ମେ ୧ ପୂର୍ବରୁ କଂଗ୍ରେସର ଅନୁମୋଦନ ଆବଶ୍ୟକ



ୱାସିଂଟନ: ଇରାନ ସହିତ ଯୁଦ୍ଧ ଜାରି ରଖିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଖରେ ଆଉ ମାତ୍ର ୭ ଦିନ ସମୟ ବାକି ରହିଛି । ଆମେରିକା ସମ୍ବିଧାନ ଅନୁଯାୟୀ କୌଣସି ଯୁଦ୍ଧ ୬୦ ଦିନ ମଧ୍ୟରେ ଆମେରିକା କଂଗ୍ରେସର ଅନୁମୋଦନ ନେବାକୁ ପଡ଼ିବ । ମେ ୧ ତାରିଖ ପୂର୍ବରୁ ଟ୍ରମ୍ପଙ୍କୁ ଯୁଦ୍ଧ ଜାରି ରଖିବାକୁ ଆମେରିକା କଂଗ୍ରେସ (ଆମେରିକା ସଂସଦ)ରୁ ଅନୁମତି ନେବାକୁ ପଡ଼ିବ । ତେବେ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ସଂସଦର ସମ୍ମୁଖୀନ ହେବାକୁ ଚାହୁଁନାହାନ୍ତି । ୧୦୦ ସଦସ୍ୟ ବିଶିଷ୍ଟ ସିନେଟ୍‌ରେ ଟ୍ରମ୍ପଙ୍କର ୫୩ ସାଂସଦ ଅଛନ୍ତି । ବିରୋଧୀ କମଳା ହାରିସ୍‌ଙ୍କ ଡେମୋକ୍ରାଟିକ ପାର୍ଟିର ୪୭ ସାଂସଦ ଅଛନ୍ତି । ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୧୦ ସାଂସଦ ଯୁଦ୍ଧ ବିରୋଧରେ ସ୍ୱର ଉଠାଇ ସାରିଛନ୍ତି । ଅନ୍ୟପକ୍ଷରେ ବିରୋଧୀ ଡେମୋକ୍ରାଟ ଏକଜୁଟ ରହିବେ । ଏପରି ସ୍ଥିତିରେ ଟ୍ରମ୍ପ ୧ ତାରିଖ ସୁଦ୍ଧା ଯେପରି ହେଉ ଯୁଦ୍ଧ ଶେଷ କରିବାକୁ ଚାହିଁବେ । ଏହି ଆଇନରେ ୬୦ ଦିନ ପରେ ଆଉ ଏକ ବିକଳ୍ପ ରହିଛି । ରାଷ୍ଟ୍ରପତି ଏକାଥରକେ ୩୦ ଦିନ ପାଇଁ ଅତିରିକ୍ତ ସମୟ ନେଇପାରିବେ ।

କିନ୍ତୁ ଏହା କେବଳ ସୈନିକଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଯୁଦ୍ଧ ଜାରି ରଖିବା ପାଇଁ ଟ୍ରମ୍ପ ଏହି ବିକଳ୍ପ ବ୍ୟବହାର କରିପାରିବେ ନାହିଁ । ଅନ୍ୟପକ୍ଷରେ ଟ୍ରମ୍ପ ଏହି ନିୟମକୁ ଅଣଦେଖା କରିପାରନ୍ତି । ୨୦୧୧ରେ ଲିବ୍ୟା ଯୁଦ୍ଧରେ ତତ୍‌କାଳୀନ ରାଷ୍ଟ୍ରପତି ବାରାକ ଓବାମା ୬୦ ଦିନ ପରେ ବି ଯୁଦ୍ଧ ଜାରି ରଖିଥିଲେ । ସେଠାରେ ଲଗାତାର ଯୁଦ୍ଧ ସ୍ଥିତି ଲାଗି ରହିନଥିବାରୁ ଏହି ନିୟମ ଲାଗୁ ହେଉନାହିଁ ବୋଲି ଓବାମା ପ୍ରଶାସନ ଯୁକ୍ତି ରଖିଥିଲା । ତେବେ ଟ୍ରମ୍ପ କିନ୍ତୁ ୬୦ ଦିନ ସୀମାକୁ ଅଣଦେଖା କଲେ ଏହା ରିପବ୍ଲିକାନ ପାର୍ଟି ପାଇଁ ସମସ୍ୟା ସୃଷ୍ଟି ହେବ ।

# ଆତଙ୍କବାଦୀଙ୍କ ଟାର୍ଗେଟରେ ଦିଲ୍ଲୀ ! ଦୁଇଟି ଜାଗାରେ ହୋଇପାରେ ଆତ୍ମଘାତୀ ଆକ୍ରମଣ



ନୂଆଦିଲ୍ଲୀ, ୨୪/୦୪ :ଦିଲ୍ଲୀ ଉପରେ ବିପଦ । ହୋଇପାରେ ଆତଙ୍କବାଦୀ ଆକ୍ରମଣ । ଚିନ୍ତାରେ ସୁରକ୍ଷାକର୍ମୀ । ପାକିସ୍ତାନ ସେନା ଏବଂ ଲସ୍କର-ଏ-ତୋଏବା ମିଳିତ ଭାବେ ଭାରତ ଉପରେ ଆକ୍ରମଣ କରିବାକୁ ଚାହୁଁଛନ୍ତି । ସବୁଠାରୁ ବଡ କଥା ହେଲା ଯେ ପାକ୍ ସେନା ମୁଖ୍ୟ ଅସୀମ୍ ମୁନୀର୍ ଏହାକୁ ନିଜେ ଅପରେଟ୍ କରୁଛନ୍ତି । ଗୁଇନ୍ଦା ରିପୋର୍ଟ ଅନୁସାରେ, ଲସ୍କର ଲାଲକିଲ୍ଲା ଆଗରେ ଆଇଇଡି ବିସ୍ଫୋରଣ କରିବାକୁ ଚାହୁଁଛି । ଏହାସହ ଚାନ୍ଦିନୀ ଚୌକରେ ଥିବା ଏକ ମନ୍ଦିର ମଧ୍ୟ ଆତଙ୍କବାଦୀଙ୍କ ଟାର୍ଗେଟରେ ଅଛି । ଏଥିପାଇଁ ଆତ୍ମଘାତୀ ଆକ୍ରମଣକାରୀଙ୍କୁ ବ୍ୟବହାର କରାଯିବ । କିଛି ଆତଙ୍କବାଦୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ୨୦୨୫ ମସିହା ନଭେମ୍ବର ମାସରେ ଦିଲ୍ଲୀର ଲାଲ୍ କିଲ୍ଲା ନିକଟରେ କାର୍ ବୋମା ବିସ୍ଫୋରଣ ହୋଇଥିଲା । ଏଥିରେ ୧୦ରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ହୋଇଥିଲେ । ଆତଙ୍କବାଦୀମାନେ ସମାନ କାଣ୍ଡ ଭିଆଇବାକୁ ଯୋଜନା କରୁଛନ୍ତି । ସେମାନେ ମନ୍ଦିର କିମ୍ବା ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ଟାର୍ଗେଟ୍ କରିବାକୁ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରିଛନ୍ତି । ଏଥିରେ ଫିଦାଏଁ ବା ଆତ୍ମଘାତୀ ଆତଙ୍କବାଦୀଙ୍କୁ ବ୍ୟବହାର କରାଯିବ । ଚାନ୍ଦିନୀ ଚୌକରେ ପ୍ରତିଦିନ ୫ରୁ ୭ ଲକ୍ଷ ଲୋକେ ଯିବା ଆସିବା କରିଥାନ୍ତି । ଏହା ଦିଲ୍ଲୀର ଏକ ବ୍ୟସ୍ତ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳ । ୨୦ହଜାରରୁ ଅଧିକ ଗାଡିମଟର ଏହି ଅଞ୍ଚଳ ଦେଇ ଚଳପ୍ରଚଳ କରେ । ସନ୍ଧ୍ୟା ସମୟରେ ଏଠାରେ୩୦ହଜାର ଲୋକଙ୍କ ଭିଡ ଜମିଥାଏ । ଯାହା ଆତଙ୍କବାଦୀଙ୍କୁ ସୁହାଇପାରେ । ନିକଟରେ ଇସଲାମାବାଦର ଏକ ମସଜିଦରେ ଆକ୍ରମଣ ହୋଇଥିଲା । ଯାହା ପଛରେ ଭାରତର ହାତ ଥିବା ଆତଙ୍କବାଦୀ ହାଫିଜ୍ ସୟିଦ ଏବଂ ଅସୀମ୍ ମୁନୀର୍ ଅଭିଯୋଗ କରୁଛନ୍ତି । ବିନା କୌଣସି ତଥ୍ୟ, ପ୍ରମାଣ ଏବଂ ସତ୍ୟତାରେଏହି ଅଭିଯୋଗ ହେଉଛି । ଆକ୍ରମଣ ପାଇଁ ପାକିସ୍ତାନର ଏକ ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିଥିଲେ ବି ପାକ୍ ନେତାମାନେ ଅଯଥାରେ ଭାରତ ଉପରେ ଦୋଷ ଲଦୁଛନ୍ତି । ତେବେ ଗୁଇନ୍ଦା ରିପୋର୍ଟ ମିଳିବା ପରେ ଦିଲ୍ଲୀ ହାଇ ଆଲର୍ଟରେ ରହିଛି । ଅନେକ ଜାଗାରେ ସୁରକ୍ଷାକୁ କଡାକଡି କରାଯାଇଛି । ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ବ୍ଲକିଂ ଏବେ ଚେକିଂ ଜୋରଦାର ଚାଲିଥିବା ଦେଖିବାକୁ ମିଳିଛି ।

## ଇରାନରେ ଯୁଦ୍ଧ ନିଷ୍ପତ୍ତି ନେଉଛି ଆଇଆରଜିସି ବୋର୍ଡ଼ ଅଫ୍ ଜେନେରାଲ

ୱାସିଂଟନ: ଇରାନର ସର୍ବୋଚ୍ଚ ନେତା ମୋଜତାବା ଅଲ୍ଲି ଖେମିନି ଆମେରିକା-ଇସ୍ରାଏଲର ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିବା ପୂର୍ବରୁ କୁହାଯାଉଥିବାବେଳେ ଏ ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି । ନ୍ୟୁୟର୍କ ଟାଇମ୍ସ ଏହାର ଏକ ରିପୋର୍ଟରେ ପ୍ରକାଶ କରିଛି ଯେ, ମୋଜତାବା ଖେମେନି ଫେବ୍ରୁଆରି ୨୮ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କ ଗୋଡ଼ରେ ଦୁଇ ତିନି ଥର ଅସ୍ତ୍ରୋପଚାର ହୋଇସାରିଥିବାବେଳେ ମୁହଁ ଓ ଓଠ ଜଳି ଯାଇଛି । ଆଇଆରଜିସିର ବରିଷ୍ଠ ସାମରିକ କମାଣ୍ଡରଙ୍କ ଏକ ଗୋଷ୍ଠୀ ଯୁଦ୍ଧ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକୁ ନେଉଛନ୍ତି । ମୋଜତାବାଙ୍କୁ କେବଳ ହାତଲେଖା ଚିଠି ମାଧ୍ୟମରେ ଯୋଗାଯୋଗ କରାଯାଉଥିବା କୁହାଯାଇଛି । ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ତାଙ୍କର ଦେଖାଶୁଣା କରୁଛନ୍ତି । ପେଜେସ୍କିଆନ ନିଜେ ଜଣେ ହାର୍ଟ ସର୍ଜନ ହୋଇଥିବାବେଳେ ମୋଜତାବାଙ୍କ ଡାକ୍ତରୀ ଦଳରେ ସାମିଲ ଅଛନ୍ତି । ମୋଜତାବା ଲୁଚି ରହିଥିବାବେଳେ ତାଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଅଳ୍ପ କିଛି ଅଧିକାରୀ ଥିବା ଏହି ରିପୋର୍ଟରେ କୁହାଯାଇଛି । ମୋଜତାବା ତାଙ୍କ ପିତା ଆୟାତୋଲ୍ଲା ଅଲ୍ଲି ଖେମିନିଙ୍କ ପରି ପ୍ରଭାବଶାଳୀ ହୋଇପାରୁନାହାନ୍ତି ।

ରିପୋର୍ଟରେ କୁହାଯାଇଛି ଯେ, ଆମେରିକା-ଇସ୍ରାଏଲ ଆକ୍ରମଣରେ ମୋଜତାବା ଗମ୍ଭୀର ଭାବେ ଆହତ ହୋଇଥିଲେ । ତାଙ୍କ ମୁହଁ ଜଳି ଯାଇଛି । ତାଙ୍କୁ କଥା କହିବାରେ ଅସୁବିଧା ହେଉଛି । ତାଙ୍କର ପ୍ଲାଷ୍ଟିକ ସର୍ଜରୀର ଆବଶ୍ୟକତା ରହିଛି । ଗୋଡ଼ରେ ତିନିଥର ଅସ୍ତ୍ରୋପଚାର ଶେଷ ହୋଇଥିବାବେଳେ ସେ କୃତ୍ରିମ ଗୋଡ଼ ଅପେକ୍ଷାରେ ଅଛନ୍ତି । ତାଙ୍କର ଗୋଟିଏ ହାତରେ ମଧ୍ୟ ଅସ୍ତ୍ରୋପଚାର କରାଯାଇଥିବାବେଳେ ହାତ ଧୀରେ ଧୀରେ କାର୍ଯ୍ୟକ୍ଷମ ହେଉଛି । ସୁରକ୍ଷା କାରଣରୁ ମୋଜତାବାଙ୍କ ନିକଟକୁ ଆଇଆରଜିସି କମାଣ୍ଡରଙ୍କୁ ମଧ୍ୟ ଛଡ଼ାଯାଉନି । ତଥାପି ସେ ମାନସିକ ଭାବେ ସକ୍ରିୟ ଅଛନ୍ତି । ତାଙ୍କୁ ମଧ୍ୟସ୍ଥି ଓ ପରାମର୍ଶଦାତାଙ୍କ ଉପରେ ନିର୍ଭର କରିବାକୁ ପଡୁଛି । ଆମେରିକା ଓ ଇସ୍ରାଏଲ ମୋଜତାବାଙ୍କୁ ପୁଣି ଥରେ ଟାର୍ଗେଟ କରିପାରନ୍ତି ବୋଲି ଆଶଙ୍କା କରାଯାଉଥିବାବେଳେ ତାଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ ସୀମିତ କରାଯାଇଛି । ବିଶ୍ଳେଷକ ଏବଂ ପୂର୍ବତନ ଅଧିକାରୀମାନଙ୍କ ସୂତ୍ରରୁ ନ୍ୟୁୟର୍କ ଟାଇମ୍ସ ପ୍ରକାଶ କରିଛି ଯେ, ଇରାନରେ ନିଷ୍ପତ୍ତି ନେବାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି, ଆଇଆରଜିସି କମାଣ୍ଡରମାନେ ବର୍ତ୍ତମାନ ସାମରିକ ରଣନୀତି, ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ଓ ଆମେରିକା ସହିତ କୂଟନୈତିକ ସମ୍ପର୍କ ସମେତ ପ୍ରମୁଖ ପ୍ରସଙ୍ଗଗୁଡ଼ିକର ନେତୃତ୍ୱ ନେଉଛନ୍ତି । ପୂର୍ବତନ ରାଷ୍ଟ୍ରପତି ମହମୁଦ ଅହମଦିନେଜାଦଙ୍କ ଜଣେ ପୂର୍ବତନ ପରାମର୍ଶଦାତା କହିଛନ୍ତି ଯେ, ମୋଜତାବା ବୋର୍ଡର ନିର୍ଦ୍ଦେଶକ ପରି କାର୍ଯ୍ୟ କରୁଛନ୍ତି, ଯେଉଁଥିରେ ଜେନେରାଲମାନେ ପ୍ରମୁଖ ନିଷ୍ପତ୍ତି ଗ୍ରହଣକାରୀ ଭାବରେ ଅଛନ୍ତି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଇରାନର ନେତୃତ୍ୱ ମଧ୍ୟରେ ଆଭ୍ୟନ୍ତରୀଣ ମତଭେଦ ଜାରି ରହିଛି, ବିଶେଷକରି ୱାସିଂଟନ ସହିତ ଶାନ୍ତି ଆଲୋଚନାକୁ ନେଇ ଏହି ମତଭେଦ ରହିଛି ।

# ବଢ଼ୁଛି ଏଆଇ କମୁଛି କାମ; ମେଟା, ଓରାକେଲ ଓ ମାଇକ୍ରୋସଫ୍ଟ ମାସକ ଭିତରେ କଲେଣି ୪୬,୭୫୦ ଛଟେଇ



ଗତ ମାସକ ଭିତରେ ଟେକ୍ କମ୍ପାନୀଗୁଡ଼ିକରେ ଅନେକ ପରିବର୍ତ୍ତନ ହୋଇଛି । କମ୍ପାନୀଗୁଡ଼ିକ ଏଆଇ ଟେକ୍ନୋଲୋଜୀରେ ବିଲିଅନ ବିଲିଅନ ଅର୍ଥ ନିବେଶ କରୁଥିବା ବେଳେ ଶ୍ରମବଳ ହ୍ରାସ କରୁଛନ୍ତି । ଓରାକଲ, ମେଟା ଓ ମାଇକ୍ରୋସଫ୍ଟ ଭଳି କମ୍ପାନୀ ମାସକରେ ୪୬,୭୫୦ କର୍ମଚାରୀ ଛଟେଇ କରିଛନ୍ତି । କମ୍ପାନୀଗୁଡ଼ିକର ଲାଭ ବି ସେହି ଅନୁସାରେ ହେଉଛି । ହେଲେ ଟେକ୍ନୋଲୋଜୀର ଅବାଧ ପ୍ରବେଶ ଲୋକଙ୍କର ଚାକିରି ଖାଉଛି ।

ଏଆଇ ବ୍ୟବହାର ଯୋଗୁ ପୂର୍ବରୁ ମେଟା ହଜାର ହଜାର କର୍ମଚାରୀ ଛଟେଇ କରିସାରିଥିବା ବେଳେ ଏବେ ପୁଣି ଏକ ନୂଆ ଛଟେଇ କରିବାକୁ ପ୍ରସ୍ତୁତ ହେଉଛି । ଏଥର କମ୍ପାନୀ ୮ ହଜାର କର୍ମଚାରୀ ଛଟେଇ କରିବ, ଯାହା ଏହାର ୱାର୍କଫୋର୍ସର ୧୦ ପ୍ରତିଶତ ବୋଲି କୁହାଯାଉଛି । କେବଳ ସେତିକି ନୁହେଁ, ଓପନ ରୋଲ୍ସ ପାଇଁ କମ୍ପାନୀ ପୂର୍ବରୁ ନିଯୁକ୍ତି ଦେବାକୁ ଯେଉଁ ଘୋଷଣା କରିଥିଲା, ତାହା ବି ଆଉ କରିବ ନାହିଁ । କାରଣ ମେଟା ଏଥର ଏଆଇରେ ୧୩୫ ବିଲିଅନ ନିବେଶ କରିବାକୁ ଯୋଜନା କରୁଛି । ଯାହା କମ୍ପାନୀ ଗତ ୩ ବର୍ଷର ଏଆଇ ନିବେଶ ସହ ପ୍ରାୟ ସମାନ ହେବ । ଏତେ ପରିମାଣରେ ନିବେଶ କରିବା ସହିତ କମ୍ପାନୀ ନିଜ ଶ୍ରମବଳ ହ୍ରାସ କରିବାକୁ ଚେଷ୍ଟା କରୁଛି । ଏନେଇ ସିଇଓ ମାର୍କ ଜୁକରବର୍ଗ କହିଛନ୍ତି ଯେ ୨୦୨୬ ଏମିତି ଏକ ବର୍ଷ ହେବ, ଯେଉଁଥିରେ ଏଆଇ ଆମ କାମକୁ ଅଭୂତପୂର୍ବ ଭାବରେ ପରିବର୍ତ୍ତନ କରିଦେବ । ସୂଚନା ଥାଉକି ମେଟା ୨୦୨୨ରୁ ଛଟେଇ ଧାରା ଜାରି ରଖିଛି । ଆଗକୁ ଆହୁରି ଛଟେଇ ହେବ ବୋଲି ଏକ୍ସପର୍ଟ କହିଛି ।

ଟେକ୍ନୋଲୋଜୀ କମ୍ପାନୀ ଓରାକେଲ ନିକଟରେ ୩୦ ହଜାର କର୍ମଚାରୀ ଛଟେଇ କରିଛି । ଭାରତ ସମେତ ବିଭିନ୍ନ ଦେଶରୁ ଏହି ଛଟେଇ କରାଯାଇଛି । ସବୁଠାରୁ ବଡ଼ କଥା ହେଲା କମ୍ପାନୀ ଚଳିତ ବର୍ଷ ଲାଭ ହାସଲ କରିଥିଲେ ବି ଶ୍ରମବଳ ହ୍ରାସ କରିଛି । ତେବେ ବିନା କୌଣସି ଆର୍ଥିକ ସହାୟତାରେ ଛଟେଇ କରାଯାଇଛି ବୋଲି ଏକାଧିକ କର୍ମଚାରୀ ଦାବି କରିଥିଲେ । ସକାଳୁ ସକାଳୁ କର୍ମଚାରୀଙ୍କୁ ମେଲ୍ ଦେଇ ଛଟେଇ କରାଯାଇଥିବା ଅଭିଯୋଗ ହୋଇଥିଲା ।

ଓରାକେଲ କର୍ମଚାରୀମାନଙ୍କୁ ବିନା କୌଣସି ସୁରକ୍ଷା ଦେଇ ଚାକିରିରୁ ବିଦା କରିଥିବା ବେଳେ ମାଇକ୍ରୋସଫ୍ଟ ଟିକେ ଭିନ୍ନ ରାସ୍ତା ଗ୍ରହଣ କରିଛି । ସିଧାସଳଖ ଛଟେଇ ବଦଳରେ, କମ୍ପାନୀ ଏହାର ଆମେରିକୀୟ କର୍ମଚାରୀଙ୍କ ପ୍ରାୟ ୭ ପ୍ରତିଶତ, ଯାହା ପ୍ରାୟ ୮,୭୫୦ କର୍ମଚାରୀ,ଙ୍କୁ ସ୍ୱେଚ୍ଛାକୃତ ଭାବରେ ଅବସର ନେବାକୁ କହୁଛି । କମ୍ପାନୀର ୫୧ ବର୍ଷର ଇତିହାସରେ ଏହା ପ୍ରଥମ ଥର ହୋଇଛି ଯେ ମାଇକ୍ରୋସଫ୍ଟ କର୍ମଚାରୀଙ୍କ ପାଇଁ ଏପରି ଅବସର ପ୍ରଚଳନ କରିଛି । କିଛି ଅର୍ଥରାଶି ସହ କର୍ମଚାରୀଙ୍କୁ ଇସ୍ତଫା ଦେବାକୁ କମ୍ପାନୀ କହିଛି ।

# ଆପ୍ ଛାଡ଼ିଲେ ରାଘବ ଚଢ଼ା, ଅଶୋକ ମିତ୍ତଲ ଏବଂ ସନ୍ଦୀପ ପାଠକ



ନୂଆଦିଲ୍ଲୀ: ଆମ ଆଦମୀ ପାର୍ଟି (ଇଇଚ)କୁ ବଡ଼ ଝଟକା ଲାଗିଛି । ରାଜ୍ୟସଭା ସାଂସଦ ରାଘବ ଚଢ଼ା, ଅଶୋକ ମିତ୍ତଲ ଏବଂ ସନ୍ଦୀପ ପାଠକ ଆପରୁ ଇସ୍ତଫା ଦେଇଛନ୍ତି । ଏହା ସହ ସେମାନେ ବିଜେପିରେ ଯୋଗ ଦେଇଥିବା ନେଇ ଘୋଷଣା କରିଛନ୍ତି ରାଘବ ଚଢ଼ା । ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ରାଘବ ଚଢା କହିଛନ୍ତି, 'ରାଜ୍ୟସଭାରେ ଆପର ଦୁଇ ତୃତୀୟାଂଶ ସଦସ୍ୟ ଭାରତର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ବିଜେପିରେ ଯୋଗ ଦେବାକୁ ସ୍ଥିର କରିଛୁ ।' ରାଘବ ଚଢା କହିଛନ୍ତି ଯେ, ଆମ ଆଦମୀ ପାର୍ଟି ଦେଶ ପାଇଁ ନୁହେଁ, ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କାମ କରୁଛି । ଦୁର୍ନୀତି ଦୂର କରିବା ନାଁରେ ଗଠିତ ଏହି ଦଳ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ହାତରେ ଅଛି । ଆମ୍ ଆଦମୀ ପାର୍ଟିର ଦୁଇ-ତୃତୀୟାଂଶ ସାଂସଦ ବିଜେପିରେ ଯୋଗ ଦେଉଛନ୍ତି । ସେ କହିଛନ୍ତି, 'ମୁଁ ମୋ ରକ୍ତ ଏବଂ ଝାଳ ଦେଇ ଆମ୍ ଆଦମୀ ପାର୍ଟି ପାଇଁ କାମ କରିଛି । ମୁଁ ଘୋଷଣା କରୁଛି ଯେ, ଆମ୍ ଆଦମୀ ପାର୍ଟି ଛାଡୁଛି । ମୁଁ ଏହି ଦଳର ପ୍ରତିଷ୍ଠାତା ସଦସ୍ୟ ଥିଲି । ହୁଏତ ମୋ ଅପେକ୍ଷା ଏହି ଦଳକୁ କେହି ଭଲ ଭାବରେ ଜାଣିପାରିବେ ନାହିଁ । ଏବେ ଆମ୍ ଆଦମୀ ପାର୍ଟି ଆଉ ପୁରୁଣା ଦଳ ନୁହେଁ । ମୁଁ ଗୋଟିଏ ବର୍ଷ ପାଇଁ ଦଳୀୟ କାର୍ଯ୍ୟକଳାପରୁ ଦୂରେଇ ରହିଥିଲି କାରଣ, ମୁଁ ସେମାନଙ୍କ ଅପରାଧ ସହିତ ନଥିଲି ।' ସନ୍ଦୀପ ପାଠକ କହିଛନ୍ତି, 'ମୁଁ କେବେ ଭାବି ନଥିଲି ଯେ, ମୋ ଜୀବନରେ ଏହି ପରିସ୍ଥିତି ସୃଷ୍ଟି ହେବ । କିନ୍ତୁ ଏହା ଘଟିଛି । ଆଜି, ମୁଁ ଆମ ଆଦମୀ ପାର୍ଟି ସହିତ ସମ୍ପର୍କ ଛିନ୍ନ କରୁଛି । ମୁଁ ଏକ କୃଷକ ପରିବାରରୁ ଆସିଛି । ମୁଁ କେବଳ ଗୋଟିଏ ଉଦ୍ଦେଶ୍ୟ ନେଇ ରାଜନୀତିରେ ପ୍ରବେଶ କରିଛି: ଦେଶ ପାଇଁ କିଛି ବଡ଼ କରିବି । ଦେଶ ସେବା କରିବା ଲକ୍ଷ୍ୟରେ ମୁଁ ଆମ ଆଦମୀ ପାର୍ଟିରେ ଯୋଗ ଦେଇଥିଲି । ମୁଁ ସବୁବେଳେ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରଥମ ସ୍ଥାନ ଦେଇଥିଲି । ମୁଁ ଏପର୍ଯ୍ୟନ୍ତ ଯାହା ନିଷ୍ପତ୍ତି ନେଇଛି, ମୁଁ ଦଳ ସହିତ ଏହାକୁ ମୋର ସର୍ବୋଚ୍ଚ ପ୍ରାଥମିକତା ଭାବରେ ନେଇଛି । ମୁଁ ସମ୍ପୂର୍ଣ୍ଣ ସଚ୍ଚୋଟତାର ସହିତ କାମ କରିଛି । ଦେଶରେ ରାଜନୈତିକ ଦଳ ରହିବା ଉଚିତ । ମୋର ପଥ ଆଜିଠାରୁ ଭିନ୍ନ ।' ନିକଟରେ ରାଘବ ଚଢାଙ୍କ ସ୍ଥାନରେ ଅଶୋକ ମିତ୍ତଲଙ୍କୁ ରାଜ୍ୟସଭାରେ ଇଇଚର ଉପନେତା ନିଯୁକ୍ତ କରାଯାଇଥିଲା । ଏବେ, ଅଶୋକ ମିତ୍ତଲ ଏବଂ ରାଘବ ଚଢ଼ା ଆପ୍ ଛାଡ଼ିଛନ୍ତି । ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ଅଶୋକ ମିତ୍ତଲଙ୍କ ବାସଭବନରେ ଚଢାଉ କରାଯାଇଥିଲା । ସେପଟେ ରାଜ୍ୟସଭାରେ ସାଧାରଣ ଲୋକଙ୍କ ପ୍ରସଙ୍ଗ ଉଠାଇ ଚର୍ଚ୍ଚାକୁ ଆସିଥିଲେ ରାଘବ ଚଢ଼ା । କିନ୍ତୁ ଆମ ଆଦମୀ ପାର୍ଟି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ତାଙ୍କୁ ରାଜ୍ୟସଭାର ଉପନେତା ପଦରୁ ହଟାଇ ଦେଇଥିଲା । ଏହା ପରେ ରାଘବ ଚଢ଼ାଙ୍କ ଉପରେ ଅନ୍ୟ ନେତାମାନେ ସାଂଘାତିକ ଅଭିଯୋଗ କରିଥିଲେ । ଆପ୍ ଦଳ ମଧ୍ୟରେ ପରିସ୍ଥିତି ଖରାପ ହୋଇଥିଲା, ରାଘବ ଚଢ଼ା ଦଳ ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା । ଏବେ ରାଘବ ଚଢ଼ା ଆପ୍ ଛାଡ଼ିଛନ୍ତି ଏବଂ ବିଜେପିରେ ବିଲୟ ନେଇ ଘୋଷଣା ବି କରିଛନ୍ତି ।

# ସଞ୍ଜୁ ସାମସନଙ୍କ ବିସ୍ଫୋରକ ଶତକ, ଚେନ୍ନାଇ ବିଜୟୀ







ମୁମ୍ବାଇ୨୪।୪: : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୩ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସକୁ ଚେନ୍ନାଇ ସୁପର କିଙ୍ଗସ୍ ୧୦୩ ରନ୍‌ରେ ପରାସ୍ତ କରିଛି। ଚେନ୍ନାଇ ଟିମ୍ ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରିଛି। ମୁମ୍ବାଇ ଟିମ୍ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ ସଂଗ୍ରହ କରିପାରିଛି। ଚେନ୍ନାଇ ପାଇଁ ଅକିଲ ହୁସେନ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ନୁର ଅହମଦଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ମୁକେଶ ଚୌଧୁରୀ, ଅଂଶୁଲ କମ୍ବୋଜ, ଜେମି ଓଭରଟନ ଏବଂ ଗୁର୍ଜାପନିତ ସିଂହ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।ମୁମ୍ବାଇ ୨୦୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। କିନ୍ତୁ ଦଳକୁ ଆରମ୍ଭରୁ ବଡ ଝଟକା ଲାଗିଥିଲା। ସ୍କାର ୧୧ ରନ୍ ମଧ୍ୟରେ ଆଗଧାଡିର ୩ଜଣ ଖେଳାଳି ଆଉଟ୍ ହୋଇଥିଲେ। ଏଥିରେ ଦାନିଶ ମାଲେୱାର, କ୍ୱିଣ୍ଟନ୍ ଡି' କକ୍ ଏବଂ ନମନ ଧୀର ସାମିଲ ଅଛନ୍ତି। ଡି' କକ୍ ମାତ୍ର ୭ ରନ୍ ସଂଗ୍ରହ କରିଥିଲା ବେଳେ ଅନ୍ୟ ୨ଜଣ ବ୍ୟାଟର ଶୂନ୍ୟ ରନ୍‌ରେ ଆଉଟ୍ ହୋଇଥିଲେ। ଚ଼ତୁର୍ଥ ୱିକେଟ୍‌ରେ ମୁମ୍ବାଇ ୭୩ ରନ୍ ସଂଗ୍ରହ କରିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଯୁବ ବ୍ୟାଟର ତିଳକ ବର୍ମା ଧୈର୍ଯ୍ୟର ସହିତ ଖେଳିଥିଲେ। ମୁମ୍ବାଇର ସ୍କାର ୮୪ ରନ୍‌ରେ ତିଳକ ଆଉଟ ହୋଇଥିଲେ। ସେ ୨୯ଟି ବଲ୍ ଖେଳି ୫ଟି ଚେକା ବଲରେ ୩୭ ରନ୍ ସଂଗ୍ରହ କରିଥିଲେ।

ହାଇ ସ୍କରିଂ ପିଚ୍‌ରେ ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ପାଇଁ ଫର୍ମରେ ଥିବା ସାମସନ ଗୋଟିଏ ପକ୍ଷ ସମ୍ଭାଳି ରଖିଥିବା ବେଳେ ଅନ୍ୟ ବ୍ୟାଟରମାନେ ତାଙ୍କୁ ଉପଯୋଗୀ ସମର୍ଥନ ପ୍ରଦାନ କରିଥିଲେ। ଅଧିନାୟକ ଋତୁରାଜ ଗାଏକ୍ୱାଡ ଓ ସାମସନ ୩ ଓଭରରେ ଦଳୀୟ ସ୍କରକୁ ୩୨ ରନରେ ପହଞ୍ଚାଇଥିଲେ। ଏପର୍ଯ୍ୟନ୍ତ ଫର୍ମ ସହ ସଂଘର୍ଷ କରୁଥିବା ଋତୁରାଜ ୧୪ ବଲରେ ୨୨ (୩ ଚୌକା ଓ ୧ ଛକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ପରେ ସର୍ଫରାଜ ଖାନ (୮ ବଲ, ୧୪ ରନ ଓ ୩ ଚୌକା) ଷଷ୍ଠ ଓଭରରେ ମିଚେଲ ସାଣ୍ଟନରଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ସିଏସ୍‌କେ ପାୱାରପ୍ଲେରେ ୨ ଉଇକେଟ ହରାଇବା ସତ୍ତ୍ୱେ ୭୩ ରନ କରିଥିଲା। ନଂ.୪ରେ ଆସିଥିବା ଶିବମ ଦୁବେ (୫) ବିଫଳ ହୋଇଥିବା ବେଳେ ଡିଓ୍ୱାଲ୍ଡ ବ୍ରେଭିସ ଆଟାକିଂ ବ୍ୟାଟିଂ କରି ୧୧ ବଲରେ ୨୧ (୧ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ଫଳରେ ସିଏସ୍‌କେ ୧୧ ଓଭରରେ ୪ ଉଇକେଟ ହରାଇ ୧୨୨ ରନ କରିଥିଲା। ଏଠିଠାରୁ ସାମସନ ଓ କାର୍ତ୍ତିକ ଶର୍ମା (୧୮ ରନ, ୨ ଛକା) ପଞ୍ଚମ ଉଇକେଟରେ ୪୩ ରନ ଯୋଡ଼ିଥିଲେ। ଜେମି ଓଭରଟନ ୭ ବଲରେ ୧୫ (୨ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଅନ୍ତିମ ଓଭରରେ ସାମସନ ୨ ଛକା ଓ ୧ ଚୌକା ମାରି ଶତକ ପୂରଣ କରିବା ସହ ଦଳୀୟ ସ୍କରକୁ ୨୦୦ ଅତିକ୍ରମ କରାଇଥିଲେ। ଫଳରେ ସିଏସ୍‌କେ ୨୦ ଓଭରରେ ୬ ଉଇକେଟ ହରାଇ ୨୦୭ ରନ କରିଥିଲା। ସାମସନ ୫୪ ବଲରେ ୧୦ ଚୌକା ଓ ୬ ଛକା ସହିତ ୧୦୧ ରନ କରି ଅପରାଜିତ ରହିଥିଲେ। ଏହା ଚ଼ଳିତ ସିଜନରେ ତାଙ୍କର ଦ୍ୱିତୀୟ ଓ ମୋଟ ଉପରେ ପଞ୍ଚମ ଆଇପିଏଲ୍ ଶତକ।

## ବିଶ୍ୱର ଶ୍ରେଷ୍ଠ ୧୦ କ୍ରୀଡ଼ାପ୍ରଧାନ ଦେଶରେ ପରିଣତ ହେବ ଭାରତ : କ୍ରୀଡ଼ାମନ୍ତ୍ରୀ

ନୂଆଦିଲ୍ଲୀ,୨୪।୪: : ଆସନ୍ତା ୧୦ ବର୍ଷରେ ଅର୍ଥାତ ୨୦୩୬ ସୁଦ୍ଧା ଭାରତ ବିଶ୍ୱର ଶ୍ରେଷ୍ଠ ଦଶଟି ଓ ୨୦୪୭ ସୁଦ୍ଧା ଶ୍ରେଷ୍ଠ ପାଞ୍ଚ କ୍ରୀଡ଼ାପ୍ରଧାନ ଦେଶ ମଧ୍ୟରେ ଅନ୍ୟତମ ହେବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ



ମାଣ୍ଡବ୍ୟ କହିଛନ୍ତି। କାଶ୍ମୀର ଗସ୍ତ ଅବସରରେ ସେ କହିଛନ୍ତି ଯେ ଦେଶରେ କ୍ରୀଡ଼ାର ଉନ୍ନତି ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । 'ଖେଲୋ ଇଣ୍ଡିଆ' ଓ 'ଫିଟ୍ ଇଣ୍ଡିଆ' ଆଦି କାର୍ଯ୍ୟକ୍ରମ ଯୋଗୁଁ ଦେଶର କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ହେଉଛି ଓ ଯୁବପିଢି ସୁଯୋଗ ପାଉଛନ୍ତି। ସେ କରିଛନ୍ତି ଯେ ୨୦୩୦ରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଯାଉଛି ଓ ୨୦୩୬ ଅଲମ୍ପିକ୍ସ ପାଇଁ ଦାବି କରୁଛି। ଅନ୍ତର୍ଜାତୀୟ ଅଲମ୍ପିକ କମିଟିର ସବୁ ପ୍ରକାରର ଦାବି ଓ ମାନଦଣ୍ଡ ପୂରଣ ଲାଗି ପଦକ୍ଷେପ ନିଆଯାଉଛି। ଦେଶରେ କ୍ରୀଡ଼ା ପ୍ରଶାସନର ଉନ୍ନତି ଓ ଏକ ଢାଞ୍ଚାଗତ ବ୍ୟବସ୍ଥା ସୃଷ୍ଟି ଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ଟେନିସ୍ କୋର୍ଟରେ ରାଫେଲ୍ ନାଦାଲ୍

ମାଦ୍ରିଦ୨୪।୪: : ପୁଣି କୋର୍ଟକୁ ଫେରିଛନ୍ତି ୨୦୨୪ରେ ଅବସର ନେଇଥିବା ଟେନିସ୍ କିମ୍ବଦନ୍ତି ରାଫେଲ୍ ନାଦାଲ୍। ତେବେ ନିୟମିତ ଟେନିସ୍ ନୁହେଁ, ସେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମ୍ୟାଚ୍ ପାଇଁ କୋର୍ଟକୁ ଓହ୍ଲାଇଛନ୍ତି। ପ୍ରସିଦ୍ଧ ଫୁଟବଲ୍ କ୍ଲବ୍ ରିଅଲ୍ ମାଦ୍ରିଦ୍‌ର ଘରୋଇ ଷ୍ଟାଡିୟମ ସାଣ୍ଟିଆଗୋ ବର୍ଣ୍ଣାବେରେ ନିର୍ମିତ ଏକ ଅସ୍ଥାୟୀ ଟେନିସ୍ କୋର୍ଟରେ ଏହି ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମାଦ୍ରିଦ୍ ଓପନ୍‌ର ପ୍ରଚ଼ାର ଲାଗି ଏହି ପ୍ରଦର୍ଶନୀ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା। ଏହି ମ୍ୟାଚ୍‌ରେ ଫୁଟ୍‌ବଲ୍ ଓ ଟେନିସ୍‌ର ଏକ ଅଦ୍ଭୁତ ମିଳନ ଦେଖିବାକୁ ମିଳିଥିଲା। ଏହି ଡବଲ୍ସ ମ୍ୟାଚ୍‌ରେ ନାଦାଲ୍‌ଙ୍କ ସହଯୋଗୀ



ଥିଲେ ରିଅଲ ମାଦ୍ରିଦ୍‌ର ଗୋଲ୍‌କିପର୍ ଥିବାଉଟ୍ କୋର୍ଟସିସ୍ ଓ ବିପକ୍ଷରେ ଥିଲେ ବିଶ୍ୱର ନଂ ୧ ଟେନିସ୍ ଖେଳାଳି ଜାନିକ୍ ସିନର୍ ଓ ମିଡ୍‌ଫିଲ୍ଡର ଜ୍ୟୁଡ୍ ବେଲିଙ୍ଗହାମ୍।

## ସାଫ୍ ମହିଳା ଫୁଟ୍‌ବଲ୍: ଭାରତକୁ ଆସିବନି ପାକିସ୍ତାନ ଦଳ

ଲାହୋର: ଆସନ୍ତା ମେ' ୨୫ରୁ ଜୁନ ୬ ପର୍ଯ୍ୟନ୍ତ ଗୋଆରେ ହେବାକୁ ଥିବା ଦକ୍ଷିଣ ଏସିଆ ଫୁଟବଲ୍ ମହାସଂଘ (ସାଫ୍) ମହିଳା ଫୁଟ୍‌ବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ନାହିଁ ପାକିସ୍ତାନ ଦଳ। ଏଥିଲାଗି ପାକିସ୍ତାନ ସରକାର ଆପତ୍ତି ବିହୀନ ପ୍ରମାଣପତ୍ର ବା ଏନ୍‌ଓସି ପ୍ରଦାନ କରିନାହନ୍ତି ବୋଲ ପାକିସ୍ତାନ ଫୁଟବଲ୍ ମହାସଂଘ ମୁଖପାତ୍ର ସୂଚ଼ନା ଦେଇଛନ୍ତି।ପାକିସ୍ତାନର ପ୍ରତ୍ୟାହାର ପରେ ଏହି ପ୍ରତିଯୋଗିତା ଏବେ ୬ ଟି ଦଳ- ଭାରତ, ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ମାଳଦ୍ୱୀପ ଓ ଭୁଟାନ ମଧ୍ୟରେ ହେବ। ଗ୍ରୁପ 'ଏ'ରେ ନେପାଳ, ଶ୍ରୀଲଙ୍କା ଓ ଭୁଟାନ ଥିବାବେଳେ ଗ୍ରୁପ'ବି'ରେ ଭାରତ, ବାଂଲାଦେଶ ଓ ମାଳଦ୍ୱୀପ ଅଛନ୍ତି। ମ୍ୟାଚ୍‌ଗୁଡ଼ିକ ମାର୍ଗାଓର ଫାଟୋର୍ଡା ଷ୍ଟାଡିୟମରେ ଖେଳାଯିବ। ପ୍ରାୟ ୧୦ ବର୍ଷ ପରେ ଭାରତକୁ ସାଫ୍ ଫୁଟ୍‌ବଲ୍ ଫେରୁଛି। ପୂର୍ବରୁ ୨୦୧୬ରେ ସିଲିଗୁଡ଼ିରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା।ଗତବର୍ଷ ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଭାରତର ଅପରେସନ ସିନ୍ଦୂର ପରେ ଦୁଇ ଦେଶ ମଧ୍ୟରେ କ୍ରୀଡ଼ା ସଂପର୍କ ଗୁରୁତରଭାବେ ପ୍ରଭାବିତ ହୋଇଛି।

## ଅନ୍ତିମ ଦିନିକିଆରେ ନ୍ୟୁଜିଲାଣ୍ଡକୁ ହରାଇ ସିରିଜ୍ ଜିତିଲା ବାଂଲାଦେଶ

ଢାକା, ୨୪।୪: ନଜମୁଲ ହୋସେନ ଶାଣ୍ଟୋଙ୍କ ଶତକ ଓ ପରେ ମୁସ୍ତାଫିଜୁର ରହମାନଙ୍କ ୫ ଉଇକେଟ ସଫଳତା ବଳରେ ବାଂଲାଦେଶ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୫୫ ରନରେ ପରାସ୍ତ କରିଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ବାଂଲାଦେଶ ଦଳ ୨-୧ ବ୍ୟବଧାନରେ ଜିତି ନେଇଛି। ଶାଣ୍ଟୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ନାହିଦ ରାଣାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚ଼ିତ କରାଯାଇଛି।




ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୩୨ ରନ ମଧ୍ୟରେ ଟପ୍ ଅର୍ଡର ୩ ବ୍ୟାଟରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଶାଣ୍ଟୋ ଓ ଲିଟନ ଦାସ ଚ଼ତୁର୍ଥ ଉଇକେଟରେ ୧୬୦ ରନ ଯୋଡ଼ିଥିଲେ। ଲିଟନ ୭୬ (୩ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଶାଣ୍ଟୋ ୧୦୫ (୯ ଚୌକା ଓ ୨ ଛକା) ରନର ଶତକୀୟ ପାଳି ଖେଳିଥିଲେ।ଅନ୍ୟମାନଙ୍କ ମଧ୍ୟରେ ତୌହିଦ ହୃଦୟ ଅପରାଜିତ ୩୩ (୨ ଚୌକା ଓ ୧ ଛକା) ଓ ଅଧିନାୟକ ମେହିଦି ହାସନ ମିରାଜ ୨୨ (୨ ଚୌକା) ରନ କରିଥିଲେ। ଫଳରେ ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୧୬୫ ରନ କରିଥିଲା।ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲିଅମ ଓରାଉକେ ୩ ଉଇକେଟ ନେଇଥିବା ବେଳେ ବେନ ଲିଷ୍ଟର ଓ ଜେଡେନ ଲେନକ୍ସ ୨ଟି ଲେଖାଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪.୫ ଓଭରରେ ୨୧୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଡିନ ଫକ୍ସକ୍ରଫ୍ଟ ୭୫ (୭ ଛକା) ଓ ନିକ କେଲି ୫୯ (୬ ଚୌକା ଓ ୧ ଛକା) ରନ୍ କରିଥିଲେ। ବିଜୟୀ ଦଳ ପାଇଁ ମୁସ୍ତାଫିଜୁର ୫ ଉଇକେଟ ନେଇଥିବା ବେଳେ ନାହିଦ ରାଣା ଏବଂ ଅଧିନାୟକ ମିରାଜ ୨ଟି ଲେଖାଏ ଉଇକେଟ ହାତେଇଥିଲେ।

## ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ




ଖୋର୍ଦ୍ଧା, ୨୪।୪: ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚ଼ାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତା ର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଆରମ୍ଭ ହୋଇଅଛି। ପ୍ରାରମ୍ଭିକ ମ୍ୟାଚ୍ ରେ ବରଗଡ ଜିଲ୍ଲା ଦଳ କୋରାପୁଟ ଜିଲ୍ଲା ଦଳ କୁ ପରାସ୍ତ କରି ବିଜୟୀ ହୋଇଛି।

ବରଗଡ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୪ ୱିକେଟ୍ ହରାଇ ଏଞ୍ଜେଲ ରାଜ ଙ୍କ ୫୭ ରନ୍ ଓ ଲିପସା ରଥ ଙ୍କ ୨୯ ରନ୍ ସହାୟତାରେ ୧୪୫ ରନ୍ କରିଥିଲେ। ପତ୍ୟୁତର ରେ କୋରାପୁଟ ଦଳ ୧୮.୫ ଓଭର ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୮୧ ରନ୍ ରେ ସୀମିତ ରହିଥିଲା। ଦଳ ତରଫରୁ ସୁଧିତି ରାଉତ ୨୫ ରନ୍ କରିଥିବା ବେଳେ ବରଗଡ ପକ୍ଷରୁ ଦେବାଂଶି, ଲୁଇସା ଦାଶ ଓ ଶ୍ରେୟା ପରମାଣିକ ପ୍ରତ୍ୟେକ ୩ ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ପ୍ରାରମ୍ଭ ରେ ଏହି ଜୋନାଲ ମ୍ୟାଚ୍ କୁ ଖୋର୍ଦ୍ଧା ପୌରପରିଷଦର ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ର ପୂର୍ବତନ ଅଧିନାୟକ ଦେବୀ ଶଙ୍କର ପଣ୍ଡା ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ୍ ର ସଭ୍ୟ ବିବେକାନନ୍ଦ ବୋଷ, ଚ଼ଣ୍ଡୀ ପ୍ରସାଦ ଆଚ଼ାର୍ଯ୍ୟ, ସୁଧୀର ସାହୁ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍ କୁ ପରିଚ଼ାଳନା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ମହିଳା ଜିଲ୍ଲା ଦଳର ଦିବ୍ୟାନ୍ସି ପଣ୍ଡା ଓ ସୌମ୍ୟା ପାଟଶାଣୀ ଙ୍କୁ ଜିଲ୍ଲା ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।ଅମ୍ପାୟର ରୂପେ ସତ୍ୟ ତ୍ରିପାଠୀ, ରାଜେଶ ମହାପାତ୍ର ଓ ସ୍କରର ଭାବେ ବିଶାଳ ପରିଡ଼ା କାର୍ଯ୍ୟ କରିଥିଲେ।

## ଶ୍ରୀଲଙ୍କା କ୍ରିକେଟ ବୋର୍ଡରେ ହେବ ବଡ଼ ପରିବର୍ତ୍ତନ

କଲମ୍ବୋ, ୨୪।୪: ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଶୁକ୍ରବାର ଦେଶର କ୍ରିକେଟ ମୁଖ୍ୟ ଶାମି ସିଲ୍‌ଭାଙ୍କୁ ଭେଟିଥିଲେ। ଏଥିରୁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ବୋର୍ଡରେ ପରିବର୍ତ୍ତନର ସୂଚ଼ନା ମିଳୁଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ସିଲ୍‌ଭା ତାଙ୍କ ପଦବୀରୁ ବହିଷ୍କୃତ ହୋଇପାରନ୍ତି। ସରକାର ମେ' ୧ରୁ ଏକ କାମଚ଼ଳା ପ୍ରଶାସନ ଖେଳର ପରିଚ଼ାଳନା ଦାୟିତ୍ୱ ନେଇପାରନ୍ତି। ଶ୍ରୀଲଙ୍କାର ୧୯୭୩ କ୍ରୀଡ଼ା ଆଇନ ଅନୁସାରେ ଦେଶର କ୍ରୀଡ଼ାମନ୍ତ୍ରୀ ଚ଼ାହିଁଲେ ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ ଭାଙ୍ଗି ଦେଇପାରିବେ। ହେଲେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିୟମ ବହିର୍ଭୂତ କାର୍ଯ୍ୟ ହେବ। ଖେଳାଳିଙ୍କ ଅଶାନ୍ତି, ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗରେ ଶ୍ରୀଲଙ୍କା ତଳକୁ ଖସିବା ଏବଂ ଖରାପ ପ୍ରଦର୍ଶନ କାରଣରୁ ସିଲ୍‌ଭାଙ୍କ ପ୍ରତି ସରକାରଙ୍କ ଅସନ୍ତୋଷ ପ୍ରକାଶ ପାଇଛି। ସିଲ୍‌ଭା ଗତବର୍ଷ ନିର୍ବାଚ଼ିତ ହୋଇଥିଲେ। ୨୦୨୭ ମେ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ଥିଲା। ଗତ ନଭେମ୍ବରରେ ସେ ପୂର୍ବତନ କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା ବହିଷ୍କୃତ ହୋଇଥିଲେ, ମାତ୍ର କୋର୍ଟଙ୍କ ହସ୍ତକ୍ଷେପ ଯୋଗୁ ସେ ପୁନଃ ଅବସ୍ଥାପିତ ହୋଇଥିଲେ।

## ସୂର୍ଯ୍ୟ, ସମରଜିତଙ୍କ ଶତକ: ଆଦର୍ଶଙ୍କୁ, ସୋହେବ୍‌ଙ୍କୁ ୫ ୱିକେଟ୍

କଟକ, ୨୪।୪: ଚ଼ଳିତ ୧୬ ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍‌ରେ ଗୁରୁବାର ଝାରସୁଗୁଡା, ଭୁବନେଶ୍ୱର-ବି, ଭଦ୍ରକ, କେନ୍ଦୁଝର, ଜଗତସିଂହପୁର ଓ ବଲାଙ୍ଗୀର ବିଜୟୀ ହୋଇଛନ୍ତି। ଭଦ୍ରକର ସୂର୍ଯ୍ୟ ସେଠୀ, ଜଗତସିଂହପୁର ସମରଜିତ ସାହୁ ଶତକ ହାସଲ କରିବା ଏବଂ ଝାରସୁଗୁଡାର ଆଦର୍ଶ ଯାଦବ ଓ ଜଗତସିଂହପୁର ସୋହେବ ଖାନ୍‌ଙ୍କ ୫ ୱିକେଟ୍ ଅକ୍ତିଆର ଆଜିର ଉଲ୍ଲେଖନୀୟ ବିଷୟ।

ଡ୍ରିମ୍‌ସ ପଡିଆରେ ଝାରସୁଗୁଡା ୧ ୱିକେଟ୍‌ରେ ନୟାଗଡକୁ ପରାସ୍ତ କରିଛି। ନୟାଗଡ ୨୫.୧ ଓଭରରେ ୧୧୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଝାରସୁଗୁଡା ୩୭.୦ ଓଭରରେ ୯ ୱିକେଟ୍ ହରାଇ ମ୍ୟାଚ୍ ଜିତିଥିଲା। ଝାରସୁଗୁଡାର ଆଦର୍ଶ ଯାଦବ (୫/୩୧)ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଅଡଶପୁର ପଡିଆରେ ଭୁବନେଶ୍ୱର-ବି ୮୪ ରନ୍‌ରେ କେନ୍ଦ୍ରାପଡାକୁ ପରାସ୍ତ କରିଛି। ଭୁବନେଶ୍ୱର-ବି ୬ ୱିକେଟ୍ ହରାଇ ୨୬୮ ରନ୍ କରିଥିଲା।

ଜବାବରେ କେନ୍ଦ୍ରାପଡା ୪୩.୧ ଓଭରରେ ୧୮୪ ରନ୍‌ରେ ଅଟକି ଯାଇଥିଲା। ଭୁବନେଶ୍ୱରର ଆୟୁଷ ରାଉତ (୪/ ୪୦) ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଖୋର୍ଦ୍ଧା ପଡିଆରେ ଭଦ୍ରକ ୯୫ ରନ୍‌ରେ ବରଗଡକୁ ହରାଇଛି। ସୂର୍ଯ୍ୟ ସେଠୀଙ୍କ ୧୧୪ ରନ୍ ବଳରେ ଭଦ୍ରକ ୪୯ ଓଭରରେ ୨୫୨/୫ କରିଥିଲା ବେଳେ ବରଗଡ ୪୨.୫ ଓଭରରେ ୧୫୭ ରନ୍‌ରେ ଅଲ୍‌ଆଉଟ୍ ହୋଇ ଯାଇଥିଲା। ସୂର୍ଯ୍ୟଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ନିମପୁର ପଡିଆରେ କେନ୍ଦୁଝର ୯ ୱିକେଟ୍‌ରେ କଳାହାଣ୍ଡିକୁ ମାତ୍ ଦେଇଛି। କଳାହାଣ୍ଡି ୨୪.୫ ଓଭରରେ ୫୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିବା ବେଳେ କେନ୍ଦୁଝର ୮.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। କେନ୍ଦୁଝରର ସାଇ ଶାଶ୍ୱତ ଖୁଣ୍ଟିଆ (୪/୧୩)ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ରେଳବାଇ ପଡିଆରେ ଜଗତସିଂହପୁର ୨୨୨ ରନ୍‌ରେ ରାୟଗଡାକୁ ହରାଇଛି।

ସମରଜିତ ସାହୁଙ୍କ ୧୨୬ ରନ୍ ସହାୟତାରେ ଜଗତସିଂହପୁର ୭ ୱିକେଟ୍ ହରାଇ ୨୬୮ ରନ୍ କରିଥିଲା। ଜବାବରେ ରାୟଗଡା ୧୭.୫ ଓଭରରେ ୪୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜଗତସିଂହପୁରର ସୋହେବ ଖାନ୍ (୫/୬)ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍‌ସାଇନ ପଡିଆରେ ବଲାଙ୍ଗୀର ୧୮୦ ରନ୍‌ରେ ପାରାଦୀପକୁ ପରାସ୍ତ କରିଛି। ବଲାଙ୍ଗୀର ୬ ୱିକେଟ୍ ହରାଇ ୩୪୯ ରନ୍ କରିଥିଲା। ଜବାବରେ ପାରଦୀପ ୪୨.୫ ଓଭରରେ ୧୬୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବଲାଙ୍ଗୀରର ସନ୍ଧ୍ୱଶ୍ୱର ବାଗ୍ (୮୦ ରନ୍, ୨/୨୨)ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

## ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଂଟନ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଘାଟିତ

ଢେଙ୍କାନାଳ, ୨୪।୪: ଢେଙ୍କାନାଳ ସହରସ୍ଥ ବିଜୁପଟ୍ଟନାୟକ ଇଣ୍ଡୋର୍ ହଲ୍ ଠାରେ ରାଜ୍ୟ ସ୍ତରୀୟ ୧୭ବର୍ଷରୁ କମ୍ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଅଛି । ଏହାକୁ ଆନୁଷ୍ଠାନିକ ଭାବେ ପାଲଲହଡା ବିଧାୟକ ତଥା ଅନୁଗୁଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ବିଧାୟକଙ୍କ ସହିତ ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ବିଜେପି ଜିଲ୍ଲା ସଭାପତି ନରେଶ ମହାପାତ୍ର, ଓଏସ୍‌ବିଏ ର ଜୋନାଲ୍ କୋ-ଅର୍ଡିନେଟର୍ ଅଜିତ୍ ମହାନ୍ତି, ଟୁର୍ଣ୍ଣାମେଂଟ ନିର୍ଦ୍ଦେଶକ ସମୀର କୁମାର ଦାସ, ମୁଖ୍ୟ ରେଫରୀ ବିଜୟ କୁମାର ବାଗ୍‌ଙ୍କ ସହିତ ଜିଲ୍ଲା ବ୍ୟାଡ୍‌ମିଂଟନ ଆସୋସିଏସନ୍ ସଂପାଦକ ଟଙ୍କଧର ବେହେରା, କାର୍ଯ୍ୟକାରୀ ସଭାପତି ଅମିତ ରଂଜନ ଶତପଥୀ ଓ ବରିଷ୍ଠ ଖେଳାଳୀ ଓ ଯୁବ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ ମଂଚାସୀନ ହୋଇଥିଲେ। ସୂଚନା ମୁତାବକ ଏହି ଟୁର୍ଣ୍ଣାମେଂଟ୍ ରାଜ୍ୟର ସମସ୍ତ ଜିଲ୍ଲାରୁ ୧୫୦ଜଣ ଖେଳାଳୀ ଭାଗ ନେଇଛନ୍ତି ଏବଂ ଏହା ୩ଦିନ ଧରି ଚାଲିବ । ଏହି ଟୁର୍ଣ୍ଣାମେଂଟର ଫଳାଫଳ ଅନୁଯାୟୀ ଖେଳାଳୀମାନଙ୍କର ରାଜ୍ୟରେ ର୍‍ୟାଙ୍କିଙ୍ଗ୍ ଚୟନ କରାଯିବ । ଟୁର୍ଣ୍ଣାମେଂଟ୍‌କୁ ରଶ୍ମି ପ୍ରକାଶ ପଟ୍ଟନାୟକ, ମାନସ କୁମାର ସାହୁ, ତାରେଣୀ ମାଝୀ, ଅଂଶ ମିତଲ, ଅଂଶୁମାନ ମିଶ୍ର, ବ୍ରିଜେଶ୍ ମିଶ୍ର ସୁଚାରୁ ରୂପେ ପରିଚାଳନା କରୁଛନ୍ତି ।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k